# ମେଘରନ୍

ଧର୍ମାନନ୍ଦ

**ମେଘରତ୍ନ** (କାବ୍ୟ) ■ କବି : **ଧର୍ମାନନ୍ଦ,** ଚଉଦ୍ୱାର, କଟକ-୭୫୪୦୨୫,
ଫୋନ୍: ୯୬୯୨୩୨୧୨୦୭ ■ ପ୍ରଥମ ସଂସ୍କରଣ: ୨୦୧୬
■ ପ୍ରକାଶକ : ଲେଖାଲେଖି

■ ପ୍ରଚ୍ଛଦ : ବିମ୍ବାଧର କୁଅଁର ■
■ ଡିଟିପି : ପ୍ରଶାନ୍ତ ନାୟକ, ଚଉଦ୍ୱାର
■ ମୂଲ୍ୟ : ୧୦୦ ଟଙ୍କା

**MEGHARATNA** ■ *Poetry* by **Dharmananda,** Choudwar, Cuttack-754025, Phone: 9692321207 ■ 1st Edition : **2016**
■ Publisher : Lekhalekhi
■ Cover Design : **Bimbadhar Kuanar** ₹
■ DTP : **Prasant Nayak** , Choudwar
■ Price : **100/-**

ମହାପ୍ରଭୁଙ୍କୁ **...,** ତାଙ୍କ କୃପା କଟାକ୍ଷକୁ ପ୍ରଣାମ, ତାଙ୍କ ପାଦପଦ୍ମରେ ଶବ୍ଦଶିଳ୍ପୀର କୋଣାର୍କ, କୋଣାର୍କ ଶିଳ୍ପୀର ଶବ୍ଦ ସୁନ୍ଦର କଳାକୃତି "**ମେଘରତ୍ନ** "କାବ୍ୟର ଏ ସମର୍ପଣ । ପ୍ରଣାମ । ଯଶସ୍ୱୀ ସୃଜନ ପୂଜାରୀ ଶ୍ରୀଯୁକ୍ତ କୃପା ସାଗର ସାହୁ କରପଦ୍ମ ରେ ଏ କାବ୍ୟରତ୍ନ ଉତ୍ସର୍ଗ କରୁଛି ।

ଭଲ ବହିଟିଏ ଜୀବନକୁ ମହିମାନ୍ୱିତ କରିଥାଏ, ମହା ଆନନ୍ଦ ଆନନ୍ଦ ଲାଗୁଥାଏ, ମହାସ୍ୱର୍ଗର ଆଲୋକ ଅମୃତ ବର୍ଷୁଥାଏ, ଧରାବତରଣକୁ ଧନ୍ୟ କରୁଥାଏ, ଗୋଟେ ବିଭୋର ପଣରେ ମାନବ ତନୁକୁ, ମନକୁ ବିହ୍ୱଳ କରୁଥାଏ, ବାନ୍ଧି ରଖିଥାଏ ଅଜସ୍ର ସ୍ୱପ୍ନ ସମ୍ଭାବନାରେ, ଚିର ସବୁଜ ଆଶାର ପାଖୁଡ଼ା ପାଖୁଡ଼ା ପଦ୍ମ ଫୁଲରେ, ସିନ୍ଦୂରିତ ସୂର୍ଯ୍ୟ ସ୍ୱର୍ଣ୍ଣିମ ପ୍ରଭାତର ଐଶ୍ୱର୍ଯ୍ୟ ପ୍ରକାଶରେ, ମୁକ୍ତା ଶାମୁକା ପରି, ହୀରା ପଥର ପରି, ପହିଲି ପ୍ରୀତିର ଅଭୁଲା ପୁଲକ ପରି, ହଠାତ୍ ଦିନେ ସମୁଦ୍ର ପର୍ବତ ଦେଖି ସ୍ତମ୍ଭୀଭୂତ ହେଲାପରି, ମହାତୀର୍ଥରେ ପାଦ ଦେଉ ଦେଉ ଶରଧା ବାଲିରେ ଗଡ଼ିଗଲା ପରି, ମହାପୁଣ୍ୟର ମହିମ୍ନ ଅନୁଭବ ପରି । ପ୍ରଣାମ...। ପ୍ରୀତିଲଗ୍ନାର ପ୍ରୀତିମହିମାକୁ ପ୍ରଣାମ, ପ୍ରୀତି ଐଶ୍ୱର୍ଯ୍ୟରେ ଉଛୁଳୁ ଥିବା କୃଷ୍ଣହୀରକ ପରି ଦୀପ୍ତ କମନୀୟ ହିରଣ୍ମୟ ଉଜ୍ଜ୍ୱଳ ଦୁଇ ଲାବଣ୍ୟ ଚନ୍ଦ୍ରମା ସୁଷମା ସମୁଦ୍ରକୁ ଚୁମ୍ବିଲା ପରି ଚି ସ୍ପର୍ଶୀ ଚନ୍ଦ୍ରକାନ୍ତି ଆଖିକୁ ପ୍ରଣାମ, ଚିରକାଳ ପ୍ରୀତି ମୂର୍ଚ୍ଛିତ ଆନନ୍ଦ ଉନ୍ମନା ଆହ୍ଲାଦିନୀ ପ୍ରାଚୀପଦ୍ମା ଆଖିକୁ ପ୍ରଣାମ, ପ୍ରୀତିସ୍ନିଗ୍ଧ ରୋମା ପୁଲକରେ ସ୍ୱପ୍ନବିଭୋର ଲାଜପ୍ରୀତି ହସହସ ସ୍ୱପ୍ନପଖିଳା ସ୍ୱର୍ଣ୍ଣପ୍ରସୂ ସୃଜନପୁଷ୍ପିତ ଲାବଣ୍ୟକଜଳ ଅଭିଷିକ୍ତ ହୃଦବନ୍ଦିତ ଆନନ୍ଦଝରା ଯଶସ୍ୱିନୀ ସ୍ୱର୍ଣ୍ଣଗାନୀ ଆଖିକୁ ପ୍ରଣାମ... ।

ଏହି କାବ୍ୟ ଲେଖିବାପାଇଁ ଓଡ଼ିଆ ସାହିତ୍ୟର ଗନ୍ତାଘର ମଧରେ ସୌନ୍ଦର୍ଯ୍ୟ ପିପାସୁ ମୁଗ୍ଧ ଭାବୁକର ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଓଡ଼ିଶାର ମାଟି ପ୍ରକୃତିକୁ ଦେଖିବାକୁ ଯିଏ ମୋତେ ଅନୁପ୍ରେରିତ କରିଥିଲେ ଚଉଦ୍ୱାର କଲେଜରେ, ଚିଲିକା କାବ୍ୟର ରୂପ ବର୍ଣ୍ଣନାରେ, ନୀଳ ଲହରୀ, ଦୋଳାୟମାନ ପଦ୍ମାବତୀର କୃଷ୍ଣବେଣୀରେ, ନୀଳପର୍ବତର ଶୋଭାରେ, ନୀଳ ଆକାଶରେ ଧଳାମେଘର ରୋଷଣିରେ, ପ୍ରକୃତିରାଣୀର ରୂପ ପସରାରେ ମତେ ରୂପ ସୁଧାପାନ କରାଇଥିଲେ, ମୋ ଚେତନାରେ 'ଭାଷା'ଶବ୍ଦର କୁହୁକ ଛୁଆଁଇ ଥିଲେ ସେହି ସ୍ନେହ କାଙ୍ଗାଳ ଛାତ୍ରବତ୍ସଳ ଦୟାଶୀଳ ଦରଦୀ କବିପ୍ରାଣ ପ୍ରାଣୋଚ୍ଛଳ ଓଡ଼ିଆ ଅଧାପକ ମୋ ପ୍ରାଣର ପରମ ପୂଜ୍ୟ ଗୁରୁ ଦେବତା ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତିଙ୍କୁ ମୋର ସୃଜନୀ ପ୍ରାଣର ନମ୍ର ପ୍ରଣାମ, କୋଟିକୋଟି ପ୍ରଣାମ ଯାହାଙ୍କ ପାଦତଳର ମାଟି ମୋ'ପାଇଁ ମହାତୀର୍ଥ । ସାହିତ୍ୟ ଶବ୍ଦର ପହିଲି ସ୍ପର୍ଶରେ ଯିଏ ମୋତେ ଆମୋଦିତ ପୁଲକିତ ଉଚ୍ଛାଟିତ କରିଥିଲେ ଶବ୍ଦ ସାଧନା ଲାଗି, ବନମାଳୀପୁର ର ସେହି ଶିକ୍ଷକ ତପସ୍ୱୀ କୃତବିଦ୍ୟ ଯଶସ୍ୱୀ ସାର୍ ଶ୍ରୀଯୁକ୍ତ ଶରତ କୁମାର ଦାସ(ବେନୁ ସାର୍) ଙ୍କୁ ପୁଣ୍ୟ ପ୍ରଣାମ...। ଯିଏ ମୋତେ ଆଦ୍ୟ ଅକ୍ଷର ସହିତ ପରିଚିତ କରାଇଥିଲେ ଜାହାଙ୍ଗୀର ପାଟଣା ର ସେହି ମହାନ୍ ଶିକ୍ଷକ ଶ୍ରୀଯୁକ୍ତ ହରେକୃଷ୍ଣ ନାୟକ ସାର୍ ଙ୍କୁ ପୁଣ୍ୟ ପ୍ରଣାମ...।

# ମେଘରନ୍ -୧
## ମେଘ ନୃତ୍ୟ

ଦେଖିଛି ପାହାଡ ମଥାନ ଉହାଡ
　　ବନବ୍ୟୋମ ଘନ ଚୁମ୍ବୁଥାନ୍ତି ପ୍ରୀତିଭରେ ।
ମେଘମାଳ ଘୋଟି ଝଟକେ ବିଜୁଳି
　　ବଜ୍ର ନିନାଦେ କେଳି କଳା କୌତୁକରେ ॥୧॥
ନୃତ୍ୟରତା ପାଦ ଆଖିର ମାଦକ
　　ଓଠରୁ ଝରଇ ରିମ୍‌ଝିମ୍ ସୁର ଗୀତି ।
ଦୁମ୍‌ଦୁମ୍ ହସ ଛମ୍‌ଛମ୍ ନାଚ
　　ଛଳଛଳ ଦୃଶ୍ୟ ଛଇଳୀ ଛଟକ ରୀତି ॥୨॥
ସ୍ୱର୍ଗ ଅପ୍‌ସରା ନୃତ୍ୟ ଆସର କି
　　ଜମିଛି ଲାଗୁଛି ନାଚି ବୁଲେ ମେଘରାଣୀ ।
ରସ ପ୍ରୀତି ସୁଖ ପରଶେ ଉଲ୍ଲାସେ
　　ଆଖିରେ ଓଠରେ ଧରିଛି ହୃଦୟ ଟାଣି ॥୩॥
ଡାଲ୍‌ଖାଇ ନାଚ ଗୀତରେ ତାଳରେ
　　ସାରେଗାମା ସୁରେ ବରଷେ ତୁହାକୁ ତୁହା ।
ଆମ୍ବଡାଳ ତାଳ ବରଡା ଉପରେ
　　ନାଚୁଛି ବିଭୋରେ ଝରୁଛି ପାହାଡ ଗୁହା ॥୪॥
ହୀରା ମୋତି ମାଳି ବୈଦୁର୍ଯ୍ୟ ଭୂଷଣ
　　ଅଙ୍ଗେ ଅଙ୍ଗେ ତା'ର କାମନାର ନୀଳକଇଁ ।
ହାତରେ ଧରିଛି ଇନ୍ଦ୍ରଧନୁ ଟାଣି
　　ମାରିବାକୁ କ୍ଷଣେ କାମଶର ଧାଇଁ ଧାଇଁ ॥୫॥
ବରକୋଳି ପରି ଟୋପାଟୋପା ମେଘ
　　ଟପ୍‌ଟପ୍ ହୋଇ ହସୁଛି ଖସୁଛି କ୍ଷଣେ ।
ଅଜଣା ପ୍ରୀତିରେ ଆନମନା ହୋଇ
　　ଆହ୍ଲାଦ ହ୍ଲାଦିନୀ ସୁଧା ସ୍ୱାଦ ମଧୁପ୍ରାଣେ ॥୬॥
ଚୁମ୍ବିଚୁମ୍ବି ଯାଏ ବନଗିରି କ୍ଷେତ
　　ଛୁଇଁ ଛୁଇଁଯାଏ ଚାଳଘର ଧୂଳିଦାଣ୍ଡ ।
ସ୍ୱପ୍ନ ବାଉଳା ପ୍ରୀତି କୁଆଁରୀ ଏ
　　କବିତା ଲେଖୁଛି ଦେଖି ନଈଧାର ଗଣ୍ଡ ॥୭॥
ଲାବଣ୍ୟ ତମାଳ ନୀଳକୃଷ୍ଣ ନୀଳ
　　କୃପା କଳେବର ରସାଳ ମାଂସଳ ଦେହ ।
ସୁଷମା ସୃଜନ ପ୍ରୀତିମୁଗ୍ଧ ନାଁ
　　ଅପୂର୍ବ ମେଘ ଏ କରୁଣା ସମୁଦ୍ର କୁହ ॥୮॥
ମାଟିମଗ୍ନା ମେଘ ସ୍ୱପ୍ନାତୁର ମେଘ
　　ତନ୍ଦ୍ରା ତରଳ ନୀଳ କଳେବର ରୂପ ।
ସଜଳ ସୁନ୍ଦର ଶୀତଳ ଗମ୍ଭୀର
　　ଉଚ୍ଛଳ ଉଚ୍ଛନ୍ନ ଲାବଣ୍ୟ କଜଳ କୋପ ॥୯॥
ଝୁଲୁଥାଏ ଖସି ଘନ ରୂପ ଭୂତି(ଐଶ୍ୱର୍ଯ୍ୟ)
　　ଶୁଭ୍ର ମଲ୍ଲୀ ପାଟ ସୁଷମା ସମ୍ଭାର ମେଳି ।

ଧରିତ୍ରୀ ଆକାଶ ସ୍ୱର୍ଗୀୟ ପ୍ରକାଶ
ରମ୍ୟ ସ୍ୱର୍ଗଶାଳା ଦେଖୁଥାଏ ଭାସି ବୁଲି ॥୧୦॥
ଆଦ୍ର ଶୀତଳ ଜଳଦ ବାରିଦ
ଦରଦୀ କବିର ମରମୀ କବିତା ଧାଡି ।
ମେଘ ମୟୂରୀ ର ମିଳନ ସଙ୍ଗୀତ
ମେଘ ମହ୍ଲାର ଝରିଯାଏ ପୁଚ୍ଛ ଝାଡି ॥୧୧॥
ଲାଜଭିଜା ମାଟି ମହକ ପୁଲକ
ସ୍ୱପ୍ନ ସାଉଁଟା ସବୁଜ ଲଳନା ହସ ।
ଶସ୍ୟ ଶ୍ୟାମଳ ସୁନାର ଫସଲ
ଆଶାରେ ଉଜ୍ଜ୍ୱଳ ଦାରୁ ଦିଅଁ ଦୂବଘାସ ॥୧୨॥
କୁମାରୀ ମେଘର କୋମଳ ପରଶ
ପହିଲି ଛୁଆଁରେ ଉଲ୍ଲାସ ଅଣଚାଷ ।
ଧରାବତରଣ କରିଛି ଧରାରେ
ସ୍ୱର୍ଗ ସୁନ୍ଦରୀ ଏ କାବ୍ୟମୟ ରୂପ ଯଶ ॥୧୩॥
ବଳାହକ(ମେଘ) ହସ ଅମୃତ ରସ
ରୌଦ୍ର ତପତ ଧରାରେ ସ ।ରେ ପ୍ରାଣ ।
ଚନ୍ଦନ କସ୍ତୁରୀ ତୁଳସୀ ଦୟଣା
ବୋଲିକେ ଆସୁଛି ନୟନେ ଅନଙ୍ଗ ବାଣ ॥୧୪॥
ତୃପ୍ତ ତନୁମନ ହୃଦୟ ମନ୍ଦିର
ପ୍ରାଣରେ ମୂର୍ଚ୍ଛନା ରୋମା  ପୁଲକ ବୋଳେ ।
ଆଦ୍ର ମାଟିର ମହକ ଚହଟେ
ଧୂପଗନ୍ଧ ପରି ମେଘର ପଣତ ତଳେ ॥ ୧୫
ବୈଦୁର୍ଯ୍ୟ କିରୀଟ(ମୁକୁଟ)ରୁପାର ଝାଲର
ଚାନ୍ଦୁଆ ଚିତ୍ରିତ ଚାରୁବାଳା ତୋରା ଛବି ।
ତରୁତୃଣ ପ୍ରାଣୀ ପ୍ରାଣରେ ଗଙ୍ଗୋତ୍ରୀ
ସୁଧା ସଂଜୀବନୀ ନବରଙ୍ଗ ରୂପ ରବି ॥ ୧୬
ଝୁମୁରୁ ଝୁମୁରୁ ପାଦର ନୂପୁର
ବିରହିଣୀ ମନ ମିଳନ ରତୁର ରଙ୍ଗେ ।
କେତେକଥା କହେ ଗୀତ ଗାଇଯାଏ
ଯକ୍ଷ ବିରହୀ ମନ ମେଘଦୂତ ସଙ୍ଗେ ॥ ୧୭
ବିରହୀ ପରାଣ ଛୁଇଁ ଦିଏ ମେଘ
ଆଶାର ଭରସା ମିଳନ ବାରତା ଦେଇ ।
ପ୍ରୀତପ୍ରାଣ ଲାଗି ବହୁଦୂର ପଥ
ଭ୍ରମି ଅତିକ୍ରମୀ ଦୂତ ସେବା କରୁଥାଇ ॥ ୧୮
ପ୍ରୀତିର ମହକ ବୁଣୁଥାଏ ଦୁଇ
ପ୍ରଣୟୀ ହୃଦୟେ ଭୁଲାଇ ବିରହ ଦୁଃଖ ।
ମିଳନ ଐଶ୍ୱର୍ଯ୍ୟ ପ୍ରୀତି ରୋମା  ରେ
ସ୍ୱପ୍ନ ବିଭୋର ଲଭିବାକୁ ସ୍ୱର୍ଗ ସୁଖ ॥ ୧୯
ବରଷା ରାଣୀର ପାଦରେ ନୂପୁର
ଘୁଙ୍ଗୁର ଧ୍ୱନି ରିମ୍ଝିମ୍ ସୁର ହୋଇ ।
ନବ ଉନ୍ମାଦନା ଆନନ୍ଦ ଉଲ୍ଲାସ
ଭରିଦିଏ ପ୍ରାଣେ ବିରହିଣୀ ଦୁଃଖ ଧୋଇ ॥ ୨୦

# ମେଘ ମଲ୍ଲୀ

ଲାଲ୍ ଟୁକୁଟୁକୁ ସାଧବ ବୋହୂର
　　ଚାଲିରେ ଫୁଟଇ ସୁନାର ପଦୁଅଁ କଢ ।
ଲାଲ ଲାଲ୍ ଶାଢୀ ଲାବଣ୍ୟ ଠାଣିରେ
　　ସ୍ୱପ୍ନ ବତୁରା ମାଟି ଦିଶେ ରଜାଗଡ ॥ ୨୧
ବାଲିଛତୁ ମୁହଁ ସୁନାଗୋରୀ ଦେହ
　　ମୃଦୁଳ କୋମଳ ସ୍ତନ ପଦ୍ମପୁଷ୍ପ ପ୍ରାଣ ।
ସରସ ପ୍ରୀତିରେ କଇଁ ପୋଖରୀ ରେ
　　କଳାନିଧି(ଚନ୍ଦ୍ର)ଖେଳେ ଭାଙ୍ଗି କାମଦେବ ଟାଣ ॥୨୨
ପଲ୍ଲୀବଧୂ ର ଲାଜପ୍ରୀତି ହସ
　　ମଧୁର ଚାହାଣି ସ୍ୱପ୍ନ ପଖଳା ଆଖି ।
ଯୂଇ ଯାଇ ମଲ୍ଲୀ ମାଳତି କେତକୀ
　　କୂଟଜ(ବଣମଲ୍ଲୀ)କୁଟ୍ମଳ(କଢି)ମହକ ଝରାଏ ଲାଖି ॥୨୩
ବେଲ ଆମ୍ବ ତାଳ ନଡିଆ ଚାକୁଣ୍ଡା
　　ବାଉଁଶ ପଣସ ସାଗୁଆନ ଗଛ ଶୋଭା ।
ଶ୍ୟାମଳ ବିଭବ ନୀଳ ସ୍ୱର୍ଗଶାଳା
　　ମାଟିରୁ ଆକାଶ ଦିଶେ ବଡ ମନଲୋଭା ॥ ୨୪
କଳ କଲ୍ଲୋଳିନୀ(ନଦୀ)କଲ୍ଲୋଳ(ହର୍ଷ)ନାଦିନୀ
　　ଆକାଶ ଉଛୁଳା କାଦମ୍ବିନୀ ଶୋଭା ବଢି ।
କୃଷ୍ଣ କମନୀୟ ଲୁବ୍ଧ ଲୋଭନୀୟ
　　କିରୀଟ କୃଷ୍ଣାଭ୍ର ରୂପରଙ୍ଗ କୁଟ ଶାଢୀ ॥ ୨୫

ଚଉଦିଗ ଦିଶେ ଅସିତ(ଅନ୍ଧାର)ଅ ୍ତ
　　ଘମାଘୋଟ ଘନ(ମେଘ)ଶ୍ରାବଣ ବରଷା ଝଡି ।
ସମୁଦ୍ର ଉଛୁଳା ଚାରି ପାଆ ନଇ
　　ଝରପାଣି ଝରି ଯାଏ ଦାଣ୍ଡ ବାରି ବୁଡି ॥ ୨୬
ଆତୁର ଦର୍ଦ୍ଦୁର(ବେଙ୍ଗ) ମିଳନ ଋତୁରେ
　　ମେଘପର୍ବ ପାଳି ଆନନ୍ଦ ବିଭୋର ଚି ।
ତୁଙ୍ଗ ତଡିତ୍ୱାନ(ମେଘ) ଗର୍ଜନ ତର୍ଜନ
　　ଭୀତିକି ଭୁଲିକି ଗାଉଛି ହୋଇକି ପ୍ରୀତ ॥ ୨୭
ସବୁଜ ପରଶ ଅପୂର୍ବ ହରଷ
　　ବିଲବଣ ଘାସ ଲତାରେ ସୁଷମା ନୀଳ ।
କଜ୍ଜଳ ବଦନା କୃଷ୍ଣା କାଦମ୍ବିନୀ
　　କକୁଦ(ଶୃଙ୍ଗ)କକୁଭ(ଶୋଭା)ଲୋଭନୀୟ ଢଳଢଳ ॥୨୮
ରୌଦ୍ରଦଗ୍ଧ ଧରା ଅଥୟ କାତର
　　ବର୍ଷା ବିଧୁର ଶୁଷ୍କ ନୀରସ ମାଟି ।
ନବ ଜୀବନର ଅମୃତ ପରଶେ
　　ନବଘନ ରସେ ପ୍ରୀତିରେ ତା କୋଳେ ଲୋଟି ॥ ୨୯

# ମେଘ ଆହ୍ଲାଦ

ନବ ସୃଜନର ବହୁବର୍ଣ୍ଣା ରୂପ
　　ଗୌରବ ବିନ୍ଧାଣି ମହାକାବ୍ୟ କବି ମେଘ ।
ବିଦଗ୍ଧ ହୃଦୟ ଗୀତିମୟ ପ୍ରାଣ
　　କୋମଳ କୁସୁମ ହରେ ସନ୍ତାପ ନିଦାଘ ॥ ୩୦

ଦେଖିଛି ପ୍ରକୃତି ଅପରୂପ ଶୋଭା
ସୁଷମା ଅପୂର୍ବ ବିହ୍ୱୋଳ ବିମୁଗ୍ଧ ହୋଇ ।
ଦିବ୍ୟ ଧାରାଧର(ମେଘ) ଝରେ ଝରଝର
ଛନ୍ଦାୟିତ ହୋଇ କାବ୍ୟରସ କାଳଜୟୀ ॥ ୩୧
ନବ ପଲ୍ଲବରେ ଆହ୍ଲାଦ ଭରିଛି
ଆନନ୍ଦ କଲ୍ଲୋଳେ କଲ୍ଲୋଳିତ କାମ ବାଣ ।
ଚମତ୍କାର ଚାରୁ ପ୍ରୀତିସୁଖ ସ୍ପର୍ଶ
ରୋମା ଆବେଗ ଗୀତିମୟ ପଲ୍ଲୀ ପ୍ରାଣ ॥ ୩୨
ଗର୍ଭବତୀ ମେଘ ଆକାଶୀ ନଦୀ କି
ଯତନେ ଗୋପନେ ଢାଳେ ବାରି ବିନ୍ଦୁ କରି ।
ରୌଦ୍ର ପ୍ରକୋପିତ ନିଦାଘ ତପତ
ଧରାଭୂମି ପ୍ରାଣ ପ୍ରାଣୀ ତୃଷା କଷ୍ଟ ହରି ॥ ୩୩
ଛଟପଟ ହୋଇ ଟପ୍‌ଟପ୍ ହୋଇ
ଅଧୀରେ ଖସଇ ଚୁମ୍ବିବାକୁ ଗିରି ମାଟି ।
ପ୍ରତିପ୍ରାଣେ କ୍ଷଣେ ନବ ଆଶା ପ୍ରୀତି
ପୁଲକ ଢାଳଇ ବିଭୋର ପ୍ରୀତିରେ ଲୋଟି ॥ ୩୪
ଆତୁର କାତର ତୃଷାତୁର ଉର୍ବୀ (ଧରା)
ଉଚ୍ଛନ୍ନ ଉତ୍ସନ୍ନ ମରଣ ଆସନ୍ନ ଜାଣି ।
ଈଡାରତ(ସ୍ତୁତି)ପ୍ରାଣ ସହସ୍ରାକ୍ଷ(ଇନ୍ଦ୍ର) କୃପା
ସୁଧାସିନ୍ଧୁ ବାରି ଇନ୍ଦ୍ରଧନୁ ରତ୍ନମଣି ॥ ୩୫
ନବଘନ ନୀଳ ଉଜ୍ଜ୍ୱଳ କଜ୍ଜ୍ୱଳ
ଜଳଦ ଜୀମୂତ ଜଳଧାରା ଆସେ ଭାସି ।
ନାନା ସୁଖେ ମାତି ନାଚନ୍ତି କମ୍ପାନ୍ତି
ଆନନ୍ଦ ବୃଷ୍ଟି କି ନୀଳସ୍ୱପ୍ନ ଜଳରାଶି ॥ ୩୬
ପ୍ରୀତିସ୍ପର୍ଶ ହର୍ଷ ଉନ୍ମନା ଉଲ୍ଲାସ
ଆନନ୍ଦ ସରସ ବିଶ୍ୱପ୍ରାଣୀ ପ୍ରାଣଧାରା ।
ଦୂର୍ବାଦଳ କୋଳେ ବାରିବିନ୍ଦୁ ହସେ
ଇନ୍ଦ୍ରାୟୁଧ ଆଭା ସୁରଙ୍ଗ କବରୀ ଝରା ॥ ୩୭
ଆଦ୍ର ସଜଳ ଆନନ୍ଦ ଉଜ୍ଜ୍ୱଳ
ଅବ୍ଧି ଅଧ୍ୱର(ଆକାଶ) ତଡାଗ ତଟିନୀ ବନ ।
ଉଲ୍ଲାସ ଉଲ୍ଲୋଳ(ଲହରୀ)ଉଷତ(ପୁଲକ)ଉତ୍ସବ
ମେଘର କଳାପ କୋଳାହଳ ଅନୁପମ ॥ ୩୮
କଳା ଘୁମର କି କଳା ମେଘମାଳା
କଳାତୀର୍ଥ ମେଳା କରୁଣା ଉଜ୍ଜ୍ୱଳ ଦିବ୍ୟ ।
ଶୀତଳ ମରୁତ ସ୍ୱାଗତ ସଙ୍ଗୀତ
ଅମୃତ ସାନ୍ନିଧ ବର୍ଷାଧାରା ମହାଭାଗ୍ୟ ॥ ୩୯
ବଜ୍ର ଗମ୍ଭୀର ବର୍ଷା ବିଜୁଳି
ଉଦ୍ଦାମ ଯୌବନ ଚମକ ଟମକ ଟାଣ ।
ପହିଲି ଛୁଆଁରେ ଥରିଯାଏ ଥିରି
ପ୍ରୀତିର କମ୍ପନ ଆନମନା ହୁଏ ପ୍ରାଣ ॥ ୪୦
ନବରୂପ ରାଗ ନବରଙ୍ଗ ଛବି
ଚନ୍ଦ୍ରଶାଳା ସ୍ୱପ୍ନ ସୃଜନ ମହିମା ବୁଣେ ।

ଅପୂର୍ବ ଈକ୍ଷିତ(ଦୃଶ୍ୟ) କାବ୍ୟପୁଷ୍ପ ମେଘ
ସର୍ଜନା ବିଭୋର ମୁଖରିତ ପ୍ରୀତି ଗୁଣେ ॥ ୪୧
ରଜପର୍ବ ପାଳି ଆହା କି ଶ୍ରୀମନ୍ତ
ବସୁଧା ପ୍ରକୃତି ପୁଷ୍ପବତୀ ମେଘ ସ୍ପର୍ଶେ ।
ପ୍ରୀତି ଉଚ୍ଛ୍ୱସିତ ଆଷାଢ଼ କଦମ୍ବ
ପ୍ରଣୟିନୀ ପ୍ରାଣ ମିଳନ ମଳୟ ରସେ ॥ ୪୨
କାବ୍ୟରସ ଧାରା ଅମୃତ ଈଶିତ୍ୱ (ଐଶ୍ୱର୍ଯ୍ୟ)
ଝରଇ ଆକାଶୁ ପ୍ରୀତି ଅଭିଷିକ୍ତ ପ୍ରାଣ ।
ଅନୂଢ଼ା ଆଷାଢ଼ ଧରା ଶ୍ରାବଣର
ମୁଷଳ ଧାରା ଏ ତୃପ୍ତ ପ୍ରାଣୀ ତରୁ ତୃଣ ॥ ୪୩
ମେଘ ମନ୍ଦ୍ରଧ୍ୱନି ମେଘମନ୍ଦ୍ର ସ୍ୱର
ମେଘର ମହିମା ଶୁଣି ଉଚ୍ଚାଟିତ ସୁପ୍ତ ।
ନୀଳ ପୁଚ୍ଛ ମେଲି ଲାବଣ୍ୟ ଖେଳାଇ
ମୟୂର ମୟୂରୀ ପ୍ରୀତିମଗ୍ନ ନୃତ୍ୟ ଲିପ୍ତ ॥ ୪୪
ନୀଳମେଘ ନୀଳ-ତନ୍ଦ୍ରା ତମାଳ
ମେଦୁର ମୋହନ ଆନନ୍ଦ ଉଚ୍ଛଳ ଧାରା ।
ନୀଳକୃଷ୍ଣ ରାଧା ମିଳନ ରାସ ଏ
ଐଶ୍ୱର୍ଯ୍ୟ ଉଲ୍ଲାସ ଅପୂର୍ବ ଆହ୍ଲାଦ ଭରା ॥ ୪୫
ରତିମଗ୍ନା ମାଟି ଆନନ୍ଦ ବୈକୁଣ୍ଠ
କାମ କୈଳାସ କି କାମନା ବାସନା ଜାଗି ।
ସୁନ୍ଦର ସୃଜନ ପ୍ରାଣର ସ ାର
ଯଶୋଧନ ଘନ ମହାଯୋଗୀ ମହାକବି ॥ ୪୬
ମହୁଫେଣା ପରି ରସଘନ ଶୁଭ୍ର
ମଧୁବର୍ଷୀ ମେଘ ମାଟିକୁ ଉର୍ବରା କରେ ।
ଶଙ୍ଖନାଦ କରି ଶୁଣାଏ କବିତା
ମଙ୍ଗଳ ପ୍ରୀତିର ବସୁନ୍ଧରା ବ୍ୟଥା ହରେ ॥ ୪୭
ଅସୁମାରୀ ଆଶା ସ୍ୱପ୍ନ ପସରା
କୃଷାଣ(କୃଷକ)ନୟନେ ନାଚୁଥାଏ ଝଲମଲ ।
ନୂଆଣିଆ ଚାଳ ଛିଣ୍ଡା କନ୍ଥା ଖଟ
ନୁଖୁରା ଶେଯରେ ସୁନାର ଫସଲ ମୂଳ ॥ ୪୮
ସ୍ୱପ୍ନ ବାଉଳା ଆଷାଢ଼ ଆକାଶ
ଆନନ୍ଦ ଉ ଳା କଢ଼ାଣ କମଣ(ଚାଷ)ଦେଖି ।
ଜୟଦେବ ଗୀତଗୋବିନ୍ଦ ପ୍ରୀତିରେ
ଅମ୍ବୁଦ କୋବିଦ ବନ୍ଦନା କରେ ସଖୀ ॥ ୪୯
କଳାଜାଇ କଳା ଭଅଁର ଡଅଁର
କୃଷ୍ଣବେଣୀ କୃଷ୍ଣ ରଜନୀ ରାଣୀର ମୁହଁ ।
କାଳି ଅନ୍ଧାର ନୀଳ ଅନ୍ଧାର
ହିଲ୍ଲୋଳ ହେମାଳ ତମାଳ ଜୋଛନା ଦେହ ॥ ୫୦
ପହିଲି ବରଷା ପ୍ରୀତିସ୍ୱାଦ ମିଠା
ଓଦାସ୍ତନ ପରି ନିଶ୍ୱାସେ ମହକେ ମାଟି ।
ଶୁଖିଲା କ୍ଷେତରୁ ଅମୃତ ଉଚ୍ଛ୍ୱାସ
ଉଠୁଥାଏ ଧୀରେ ସୁନାର କିରଣ ଭେଟି ॥ ୫୧

ବିଭୋର ବଂଶୀର ଅମୃତ ସ୍ୱନ
ମୂର୍ଚ୍ଛନା ତୋଳେ ଚଉଦିଗେ ଚାରିମେଘ ।
ତୃପ୍ତ ରସପ୍ଲୁତ ରସକଲ୍ଲୋଳ ଏ
ରାଧାକୃଷ୍ଣ ପ୍ରୀତି ମିଳନ ମହ୍ଲାର ମେଘ ॥ ୫୨
ସ୍ୱର୍ଣ୍ଣଚମ୍ପା ପରି କ୍ଷଣଦା(ରାତି) ପ୍ରକାଶେ
ହୀରକ ଛଡ଼ି କି ଝଲସେ ଉଲ୍ଲାସେ ରଚେ ।
ଶ୍ୟାମଳ ସବୁଜ ରୂପ ରଙ୍ଗଶାଳା
ଉର୍ବରା ମାଟି ସୁନାର ହରିଣୀ ନାଚେ ॥ ୫୩
କୁଆଁରୀ ଆଖିର ନୀଳ ଅନ୍ଧାର
ରାତିର ସପନ ପ୍ରୀତିର ପ୍ରଭାତୀ ତାରା ।
ବିରହ ପରାଣେ ମହା ମିଳନର
ସ୍ୱପ୍ନ ରଚାଏ ପହିଲି ବରଷା ଧାରା ॥ ୫୪
ଖେଳିବୁଲେ କ୍ଷଣେ ପ୍ରାଣତନ୍ତ୍ରୀ ରେ
ଆହ୍ଲାଦିନୀ ପ୍ରୀତି ପ୍ରେରଣା ଦୁର୍ବାର ଆଶା ।
ରତ୍ନଗର୍ଭା ମେଘ ସୁଷମା ଆଲେଖ୍ୟ (ଛବି)
ସ୍ନେହପ୍ରୀତି ଲଭି ସୁବର୍ଣ୍ଣ ପରଷେ ଉଷା ॥ ୫୫
ନିଖିଳ ହୃଦୟ ନୀଳପ୍ରୀତି ନୀଳ-
ଶୃଙ୍ଗ ଅନୁଭବ ବାଙ୍ମୟ କାବ୍ୟମୟ ।
ସ୍ୱର୍ଗୀୟ ସୁନ୍ଦର ରସାଳ ମଧୁର
କୈଶୋର ଯୌବନ ପୁଷ୍ପମୟ ଶବ୍ଦମୟ ॥ ୫୬
ଓଁଙ୍କାର ବାଙ୍ମୟ ଭାବମୟ ରବ
ଉଚ୍ଚାଟିତ ପ୍ରାଣ ପ୍ରଣମ୍ୟ ପୁଷ୍କଳ ପ୍ରୀତି ।
ମାଟିର ଗୌରବ କାବ୍ୟଲୋକ ମେଘ
ଐଶ୍ୱର୍ଯ୍ୟ ସୁଷମା କୀରକ(ଶୁଆ)ସୁବର୍ଣ୍ଣ କୀ ॥ ୫୭
ମମତ୍ୱ ପ୍ରୀତିର ସୌହାର୍ଦ୍ଦ୍ୟ ଶାନ୍ତିର
ବିଭୋର କବିତା ନିର୍ମଳ କୋମଳ ପ୍ରାଣ ।
ମିଳନ ଲଗ୍ନରେ ମେଘଜହ୍ନ ମିଶି
ସପନ ବୁଣନ୍ତି ସ୍ୱର୍ଣ୍ଣ ଧାନକେଣ୍ଡା ଛଣ ॥ ୫୮
ମେଘ ଡାକିଦେଲେ ଛାତି ଥରିଯାଏ
ଥିରି କମ୍ପନରେ ଦିଶିଯାଏ ପ୍ରିୟା ମୁହଁ ।
କଜଳ ନୟନା ଓଠର ଲାଲିମା
କା  ନ କଳସ ଐଶ୍ୱର୍ଯ୍ୟ ମଣ୍ଡଳ ଦେହ ॥ ୫୯
ଭୀତିପ୍ରଦ ଭାରି କୁଚକୁମ୍ଭ ଦେଖି
ମହା ବିକ୍ରମରେ ଢଳଢଳ ମେଘମାଳ ।
ଦାମିନୀ ଗରଜେ କୂଳଙ୍କଷା(ନଦୀ)କୂଳେ
ଅସମ୍ଭାଳ ପୃଥ୍ୱୀ ଆକାଶ କି ଟଳମଳ ॥ ୬୦
ପୂର୍ଣ୍ଣଚନ୍ଦ୍ର ବିମ୍ବ ଶିବଲିଙ୍ଗ ପ୍ରଭା
ଲାବଣ୍ୟ ଶୃଙ୍ଗ କି ମାଂସର କୋଣାର୍କ ଦୁଇ ।
ଦୀପ୍ତ ଉଚ୍ଛକିତ ବ ୁଳ ଉରଜ
ଶୋଭା କାବ୍ୟତାରା ତାରାପଥେ(ନଭେ)ପ୍ରାଚୀ ଚାହଁ ॥୬୧
ମାଂସଳ ମଞ୍ଜୁଳ କାନ୍ତି କି ଉଜ୍ଜ୍ୱଳ
ଦିବ୍ୟ ଢଳଢଳ ଜ୍ୟୋସ୍ନାମୟ ରୂପ ବେଶ ।

ବିମୋହିତ ମଗ୍ନ ସଂସାର କଲ୍ୟାଣେ
ନିଖିଳ ମାନସୁ ହରି କାମ ପୀଡା କ୍ଲେଶ ॥ ୬୨
ଦେଖୁଦେଖୁ କ୍ଷଣେ ପୁରୁଷ ପ୍ରାଣକୁ
ପ୍ରୀତିସିକ୍ତ କରି ଦେଉଛି ଆନନ୍ଦେ ଝାସ ।
ସୃଜନ ପୂଜାରୀ ବିଶ୍ୱ ବିଧାତାଙ୍କ
ବନ୍ଦନା କରୁଛି ଝରାଇ ଅମୃତ ରସ ॥ ୬୩
କା  ନୀ  କା  ନ(ସୁନା) କୁଚଶ୍ରୀ କା  ଲା
ଦୁଲୁକୁଚି ଧୀରେ ସ୍ୱର୍ଗ ସୁଷମାକୁ ଜିଣି ।
ଆନନ୍ଦ ବରଷେ ଅମୃତ ପରଶେ
ଭୁବନମୋହିନୀ ମନପ୍ରାଣ ନିଏ କିଣି ॥ ୬୪
ଟଳମଳ ଠୁଳ ଐଶ୍ୱର୍ଯ୍ୟ ସ୍ତୂପ ଏ
ଜ୍ୟୋସ୍ନା ଅଭିଷିକ୍ତ ତନୁତୀର୍ଥ ଦେବାଳୟ ।
ନବ ନୀଳମେଘ ମେଦୁର ସମ୍ଭାର
ଦିଗ୍‌ବଳୟ ବ୍ୟାପୀ ଦୀପ୍ତ ବୈଦୁର୍ଯ୍ୟ ବଳୟ ॥ ୬୫
ଧନ୍ୟ ଏ ସର୍ଜନା ନୋହିଲେ ନୀରଦ(ମେଘ)
ନାରୀ ତନୁତୀର୍ଥ ସୁଷମା କଳସ ସ୍ତନ ।
ରିକ୍ତ ମରୁଭୂମି ଶୁଷ୍କ ତାପ ତିକ୍ତ
ଧରା କି ଲାଗନ୍ତା ସ୍ୱର୍ଗ ଆନନ୍ଦ ଭୁବନ ॥ ୬୬
ସର୍ଜନା ସୁନ୍ଦର ସାରସ୍ୱତ ସୃଷ୍ଟି
ବିଶ୍ୱପ୍ରାଣୀ ହିତେ ପ୍ରାଣର ସ  ।ର ଲାଗି ।
ଆନନ୍ଦ ଐଶ୍ୱର୍ଯ୍ୟ ସୁଧା ପ୍ରସବିନୀ
ଦେବକନ୍ୟା ପରି ଯଶସ୍ୱିନୀ ଧରା ଲାଗି ॥ ୬୭
କାବ୍ୟ ଯଶୋଦେହୀ ଜଳଧାରା କୀ
ଝରଣା ଝରଇ ପ୍ରୀତିଝରା ସୁଧାଝରା ।
ତମୋହର(ରବି,ଶଶୀ)ତାରା ଧରିତ୍ରୀ ବନ୍ଦଇ
ଧନ୍ୟ ପୁଣ୍ୟମୟୀ ଜଳଦ ଶୋଭା ପସରା ॥ ୬୮
ଝିପିଝିପି ହୋଇ ଝରୁଥିଲା ମେଘ
ଚନ୍ଦ୍ରଜ୍ୟୋସ୍ନା ପରି ଚୁନା ଚୁନା ଚିକ୍‌ଚିକ୍ ।
ଫୁଟି ଦିଶୁଥିଲା ଇନ୍ଦ୍ରଚାପ ଚାରୁ
ନୀଳଶ୍ୟାମ କାନ୍ତି ଦାଉଦାଉ ଦିକିଦିକି ॥ ୬୯
ବାଦଲ କୋଳରେ ଲୁଚିଛପି ଖରା
ବାଘ ବଜାରୀ କି ଖେଳୁଥିଲା କିତିକିତି ।
କୁତୁକୁତୁ ହୋଇ ନାଚି ବୁଲୁଥିଲା
ପାହାଡ ଛାତିରେ ମାଡିଆସେ ଘୋର ରାତି ॥ ୭୦
ଢୁ  ଢୁ  ମେଘ  ମେଘର ଆରାବ(ଧ୍ୱନି)
ଟୁପୁରୁ ଟୁପୁରୁ ପାଦର ନୂପୁର ରଞ୍ଜେ ।
ପ୍ରାବୃଟ(ବରଷା) ପ୍ରଘଟ କେଁ କଟ୍ କଟ୍
ହୁକେ ହୋ ହୋ କୁହାଟ ଶୁଭଇ ସଞ୍ଜେ ॥ ୭୧
ଧୂ ଧୂ ଖରା ଧାପ ତାପ ଲାଗି
ନିର୍ଜଳ ନିଷ୍ପ୍ରାଣ ଦିଶୁଥିଲା ଯେଉଁ ଧରା ।
ଶୀତଳ ବରଷା ସୁଧା ଧାରା ପାନେ
ସଜଳ ସବୁଜ ପୀୟୂଷ ପ୍ରସନ୍ନ ଭରା ॥ ୭୨

ସାରା ଆକାଶଟା ଦିଶେ ମେଘ ମେଘ
କବିତା କବିତା ନୀଳାମ୍ବରୀ ପାଟ ମୁହଁ ।
ଇନ୍ଦ୍ରନୀଳ ମେଘ କଲ୍ଲୋଳ ହିଲ୍ଲୋଳ
କାବ୍ୟଶୋଭା କାନ୍ତି ମାଟିର ଭୂଗୋଳ ଦେହ ॥ ୭୩
ମେଘ ନୁହଁ ଇଏ ଗଙ୍ଗା ଗୋଦାବରୀ
ଝେଲମ୍ କାବେରୀ ମହାନଦୀ ପୁଣ୍ୟଜଳ ।
ସିନ୍ଧୁ ବ୍ରହ୍ମପୁତ୍ର ତିସ୍ତା ଯମୁନା
ବୈତରଣୀ ପ୍ରାଚୀ ଦୟାନଦୀ ପୁଣ୍ୟଫଳ ॥ ୭୪
ପୁଣ୍ୟ ସଲିଳା ଉତ୍କଳ କମଳା
ନଦୀ ମହୋଦଧି ସ୍ୱର୍ଗ ମନ୍ଦାକିନୀ ଧାରା ।
ଚିତ୍ରୋତ୍ପଳା କୂଳେ ଋଷିକୂଲ୍ୟା ଜଳେ
ଭାର୍ଗବୀ ମହିମା ଗାଏ ଚିର ବସୁନ୍ଧରା ॥ ୭୫
ମହୋଦଧି ଘୃତ ଅମୃତ ବାରିଦ
କରୁଣାର ଧାରା ମାଟିକୁ ଅମୃତ କରେ ।
ସୁନାର ଫସଲ ଖେଳିବ କ୍ଷେତରେ
ତରୁତୃଣ ପ୍ରାଣୀ ରସପୁଷ୍ଟ ଫଳଭରେ ॥ ୭୬
ମେଘମଗ୍ନା ମାଟି ମାଟିମଗ୍ନା ମେଘ
ପ୍ରଣୟ ଉଚ୍ଛଳ ମିଳନ ଆହ୍ଲାଦ ପ୍ରାଣ ।
ପ୍ରଣାମ ଜଣାଏ ଧନ୍ୟଧନ୍ୟ କହି
କବି ବ୍ରହ୍ମ ଚି   ନୀଳ ନୈସର୍ଗିକ କ୍ଷଣ ॥ ୭୭
ଧନ୍ୟ ଏ ଜୀବନ ଗୁରୁଦେବ କୃପା



ଅମିୟ(ଅମୃତ)ଆଶିଷ ଲଭିଛି ସୁକୃତ ବଳେ ।
କବିର ସୌଭାଗ୍ୟ ସୌରଭ ଗୌରବ
ଶୁଭଙ୍କର ଚିର ପ୍ରୀତିଲଗ୍ନା ଧରାତଳେ ॥ ୭୮
କଲ୍ୟାଣୀ ପଦ୍ମିନୀ ପ୍ରୀତି ପଦ୍ମାବତୀ
ସୁନ୍ଦରୀ ସଂଯୁକ୍ତା ଲାଗି ଯୁଦ୍ଧ ମହାଯୁଦ୍ଧ ।
କାବ୍ୟତାରା ପରି ପ୍ରୀତିଲଗ୍ନା ପ୍ରାଣ
ପୁଣ୍ୟର ଆଲୋକେ ବିଭାସିତ ସତ୍ୟସିଦ୍ଧ ॥ ୭୯
ବନ୍ଦନା କରେ ପ୍ରଣାମ ଜଣାଏ
ପାଦତଳେ ତାର କାଳଜୟୀ କବି ଭାବେ ।
ଯଶସ୍ୱିନୀ ଯଶ ପ୍ରୀତି ପୁଣ୍ୟ କୀର୍ତ୍ତି
ଅଲିଭା ଉଜ୍ଜ୍ୱଳ ଭାସ୍ୱର ସବିତା ସ୍ୱର୍ଗେ ॥ ୮୦

## ମେଘ ରସ

ଆକାଶ ଢାଳୁଛି ଜୋଛନା ତରଳ
କଲ୍ଲୋଳ କବିତା ସୁଧାଧାର ବାରିଧାର ।
ପହିଲି ପ୍ରୀତିର ପୁଲକ ପରଶ
କୋମଳ ବୈଭବ(ଐଶ୍ୱର୍ଯ୍ୟ)ଏ'ତ ଆଦ୍ୟ ଆଷାଢର ॥ ୮୧
ବରଷା ବରଷେ ଉଲ୍ଲାସେ ହରଷେ
ହୋଇ ହେନା ମଲ୍ଲୀ ବରକୋଳି ଜାମୁକୋଳି ।
ନବବଧୂ ପ୍ରୀତି ଲାବଣ୍ୟ ମହିମା
ଆଶାସିକ୍ତ ପ୍ରାଣ ପ୍ରୀତିମଗ୍ନ କୋଳାକୋଳି ॥ ୮୨
ପ୍ରୀତିମଗ୍ନ ମାଟି ରତିମଗ୍ନ ମେଘ

ମିଳନ ଆସର ଐଶ୍ୱର୍ଯ୍ୟ ବରଷା ରସ ।
ପ୍ରୀତ ପୁଲକିତ ଧରାରେ ଅପୂର୍ବ
ନବ ପଲ୍ଲବ ର ଆନନ୍ଦ ହିଲ୍ଲୋଳ ହସ ॥ ୮୩
ତୌଳିକ ତୂଳିକା **-ର୍ଣେ** ନବଘନ
ଧରିତ୍ରୀ ଆକାଶ ରାଧାକୃଷ୍ଣ ରୂପ ରାସ ।
ଆନନ୍ଦ ରୋମା ଖେଳିଯାଏ ପ୍ରାଣେ
ମିଳନ ପର୍ବରେ ଅପୂର୍ବ ଉଲ୍ଲାସ ହର୍ଷ ॥ ୮୪
ବିରହିଣୀ ପୃଥ୍ୱୀ ମେଘର ମିଳନେ
ଆଲିଙ୍ଗନବଦ୍ଧ ତ୍ରିଦିବ(ଆକାଶ)ତନିମା(ତନୁ) ଆଭା ।
ପ୍ରୀତି ହୃଦୟର ମହିମା ବିତରେ
ଆହ୍ଲାଦ କୋମଳ ବନଭୂମି ବନବିଭା ॥ ୮୫
କେତେ ରୂପରଙ୍ଗ ଛନ୍ଦରେ ବରଷେ
ମେଘମାଳା ହସେ ତମୋହାରୀ ରୂପଛଟା ।
ହୀରକ ଖଚିତ ଲାବଣ୍ୟ ହାର କି
ଝଲସେ ଉଲ୍ଲାସେ ଦେଖି ଘନଘୋର ଘଟା ॥ ୮୬
ଦେଖି ଜ୍ୟୋତିଷ୍ପଥେ(ଆକାଶେ) ଅପାର ସୌନ୍ଦର୍ଯ୍ୟ
ଶୋଭା ଗନ୍ତାଘର ନିଷ୍ପ୍ରଭ ନକ୍ଷତ୍ର ଗଣ ।
ତିମିରେ ଚତୁରେ ଜ୍ୟୋତି ଝଲସାନ୍ତି
ଜ୍ୟୋତିରିଙ୍ଗଣ ଘୋଷି ନିଜ ବଡପଣ ॥ ୮୭
ଚତୁର୍ମାସ୍ୟା ବିଧି ପାଳନ୍ତି ଯୋଗୀ ଏ
ମହାପ୍ରଭୁ ବିଜେ ଗୁଣ୍ଡିଚା ରଥରେ ବସି ।
ପତିତ ପାମର ଚଣ୍ଡାଳ ଜନଙ୍କୁ
ଉଦ୍ଧାର କରନ୍ତି ଭକତ ହୃଦୟ ରସି ॥ ୮୮
କରୁଣା ଅମୃତ ବୃଷ୍ଟିବାରି ପୁଷ୍ପ
ଖସେ କି ଖୁସିରେ ଆନନ୍ଦ ବିଭୋର ସର୍ବେ ।
ଶରଧା ବାଲିରେ ଗହଳ ଚହଳ
ବଡଦାଣ୍ଡ ଧୂଳି ବୋଳନ୍ତି ମଥାରେ ଗର୍ବେ ॥ ୮୯
ମହାପ୍ରଭୁ ଥାଉଁ ମହା ମହାଦୁଃଖ
ଲହଡି ଲଙ୍ଘି କି ଉଡାନ୍ତି ବିଜୟ ବାନା ।
ତାଙ୍କ ଯଶ କୀର୍ତ୍ତି ଅଲୌକିକ ଲୀଳା
ନାମାମୃତ ପାନ ବିପଦକୁ ବଜ୍ରସେହ୍ନା ॥ ୯୦
କାମତୃଷ୍ଣା ତୋଷ ନୀପ(କଦମ୍ବ)ପୁଷ୍ପଯଶ
କୃଷ୍ଣା କାଦମ୍ବିନୀ କଇଁଫୁଲ ମନୋଲୋଭା ।
ତେଜୋମୟୀ ଧରା ତେଜ ଦ୍ୱିଷା**(ଦୀ-)** ତନ୍ଦ୍ରା
ସବୁଜ ସମ୍ଭାର ସ୍ୱର୍ଣ୍ଣଚମ୍ପା ହେମପ୍ରଭା ॥ ୯୧
ପୁଣ୍ୟ ନଦୀଜଳ ଧରି କି ଭକତେ
ମହେଶ ମହିମା ନାମବ୍ରହ୍ମ ସ୍ମରି ସ୍ମରି ।
ଶିବଲିଙ୍ଗ ପରେ ଜଳ ଅଭିଷେକ
ଲାଗିକି ଢାଳନ୍ତି କେତେ ମନବାଞ୍ଛା କରି ॥ ୯୨
ଲାବଣ୍ୟ ହଳଦୀ ସୁବାସ ମହକ
ଚମକେ ଚହଟେ କୁମାରୀ ତନୁଶ୍ରୀ ମୁଖେ ।
କେତେ ଓଷା ବ୍ରତ ପାଳି କି ଖୁସିରେ

ଖୁଦୁରୁକୁଣୀ ଙ୍କ ପୁଷ୍ପବେଶେ ମନଲାଖେ ॥ ୯୩
ବେଲକଷି ପରି ସ୍ତନପୁଷ୍ପ ହସ
କୁମାରୀ ଅଙ୍ଗ କି ଚତୁରଙ୍ଗ ଶୋଭାମୟ ।
କଠିନ କୋମଳ ମାଂସଳ ମୃଦଳ
ସ୍ୱର୍ଣ୍ଣଚମ୍ପା କାନ୍ତି ରସସ୍ନିଗ୍ଧ ରମଣୀୟ ॥ ୯୪
ଲାବଣ୍ୟ ଚନ୍ଦ୍ରମା ମୁହିଁ କି ଉଜ୍ଜ୍ୱଳ
ପାତେଳି ତନୁରେ ଫ୍ରକପିନ୍ଧା ରୂପା ହସ ।
ଡଉଲ ଡାଉଲ ଦିବ୍ୟ ରୂପଶୋଭା
ଝଲସୁଥାଏ କି ମହକାଇ ମେଘମାସ ॥ ୯୫
ଘାସ ପଡିଆରେ ଦାଣ୍ଡବାରି ଦେଖି
ଫୁଟିଥାଏ କେତେ ବାଲିଛତୁ ହୁଙ୍କା ଛତୁ ।
ସାଙ୍ଗପିଲା ମେଳେ ମହାଖୁସି ହୋଇ
ବେଗେ ତୋଳିବାକୁ ମନ ଖାଲି କୁତୁକୁତୁ ॥ ୯୬
ଐଶ୍ୱର୍ଯ୍ୟ ସରସ ମିଳନ ଋତୁ ଏ
ମହା ମିଳନର ସୃଜନ ଶୃଙ୍ଗାର ପର୍ବ ।
ବିଶ୍ୱ ବିଧାତା ର କରୁଣା କୈବଲ୍ୟ
ରସ ସୁଧାସାର ବିଶ୍ୱପ୍ରାଣୀ ମହାଭାଗ୍ୟ ॥ ୯୭
କୃପାବାରି ଲାଗି କୃପାସାଗର ସେ
ଅତ୍ୟନ୍ତ କୃପାଳୁ କରୁଣା ବିଧାନ ନାମ ।
ବିଶ୍ୱ ବ୍ରହ୍ମାଣ୍ଡରେ ଏକା ମହାପ୍ରଭୁ
ଅପାର ମହିମା ମଙ୍ଗଳ ମୂରତି ବ୍ୟୋମ ॥ ୯୮



ରୌଦ୍ରତାପ ଜ୍ୱାଳା ସହି କେ ଆସିବ ?
ଆସିଛି ବରଷା ନବବଧୂ ବେଶ ସାଜି ।
ନିର୍ଜଳା ନୁଖୁରା ବନଭୂମି କ୍ଷଣେ
ଭିଜାଇ ଦେଉଛି ଝରାଇ ଅମୃତ ରାଜି ॥ ୯୯
ମାଟିର ମହିମା ମାଟି'ମା ମମତା
ମାଟିର କବିତା ମେଘମାଟି ମନ ମିଠା ।
ଭାରି ମଉଜିଆ ରଜଦୋଳି ଗୀତ
ଭାରି ସୁଆଦିଆ ରଜପାନ ପୋଡପିଠା ॥ ୧୦୦
ଓଦା ସରସର ଦେହରେ ଉଷୁମ
ଆନନ୍ଦ ପ୍ରୀତିର ନୀଳଜ୍ୟୋତ୍ସ୍ନା କୋଳାହଳ ।
ସାଗୁଆ ଲାଜୁଆ ଧାନବିଲ ମୁଣ୍ଡେ
ସୁନାର ପଣତେ ଦିଗଭାଗ ସମୁଜ୍ଜ୍ୱଳ ॥ ୧୦୧
ଫୁଲ ଫୁଟେ କେତେ ଟଗର ତରାଟ
ଚମ୍ପାଫୁଲ ମଲ୍ଲୀ ମହକେ ଶେଫାଳି ଫୁଲ ।
ତମାଳ ଶ୍ୟାମଳ ତନ୍ଦ୍ରା ତରଳ
ଆନନ୍ଦ ଉଚ୍ଛଳ ବନବିଥି ଝଲମଲ ॥ ୧୦୨

## ମେଘ ସୁଅ

କାଦୁଅ ଚିକିଟା ଗାଁ ଦାଣ୍ଡ ଆଜି
ସିମେ  ସଡକ ଚମକେ ବିଜୁଳି ବତୀ ।
ଘରେଘରେ ଟିଭି ମୋବାଇଲ ଗୀତ
ମଟର ସାଇକେଲ୍ ଜଞ୍ଜାଳ ବଢାଏ ନିତି ॥ ୧୦୩

ନିରୋଳା ସୁଖର ମହକ ମରିଛି
ଦୁଃଖ ଦୁର୍ବିପାକ ଅନ୍ତରଙ୍ଗ ଆଶା ହଜି ।
ସ୍ୱାର୍ଥ କାତର ଈର୍ଷା ଅନଳେ
ଜଳିପୋଡି ଯାଏ ସରସ ପରାଣ ଭାଜି ॥ ୧୦୪
କେତେ ଆପଣାର ପ୍ରିୟ ପରିବାର
ପର ପର ଲାଗେ ଅସହ୍ୟ ଅସୂୟା ଲାଗି ।
ଧନର ବଡିମା ସବୁ କଳି ମୂଳ
ସ୍ୱାର୍ଥ ସାଧନେ ନିଜ ସୁଖ କଥା ଭାବି ॥ ୧୦୫
ଆଷାଢ ଶ୍ରାବଣ ରଙ୍ଗବତୀ ଗୀତ
ଧୁଡୁକି ସୁଆଙ୍ଗ ବରଷା ରାତିକୁ ମୋହେ ।
ମହାନଦୀ ଜଳ ଢେଉରେ ଢେଉରେ
ନୀଳସୁନ୍ଦରୀ ର ମେଘବେଣୀ ନାଚୁଥାଏ ॥ ୧୦୬
ହୁଲିଡଙ୍ଗା ଧରି ଆହୁଲା ମାରି କି
ନାଉରୀ ପୁଅଏ ଭାସିଯାନ୍ତି ସୁଅ ଧାରେ ।
ପାରି କରିବାକୁ ମାଛ ଧରିବାକୁ
ଧନ୍ୟ ତା ସାହସ ଭରାନଈ ଛାତି ଥରେ ॥ ୧୦୭
ଗୀତ ଗାଏ ନଦୀ ଗ୍ରାମ ବିଲ ଖେଦି
ନିବିଡ ପ୍ରୀତିରେ ମାଟିକୁ ଉ  ଳା କରି ।
ତେରଛା ମେଘର ଖରା କି ଆନନ୍ଦ
ବନିଶୀ ତେରେଣ୍ଡା ଶିଙ୍ଗି ତୋଡି ଭିଡି ଧରି ॥ ୧୦୮
ଗଇଶ ଗଛରେ ମାଛକୁ ଝୁଲାଇ
ଫେରଇ ଆନନ୍ଦେ କହିଲେ ନସରେ ଆଜି ।
କଦଳୀ ଭେଳାରେ ବାରି ଗାଡିଆକୁ
ପାରିହେବା ମଜା ବ୍ରାହ୍ମଣୀବେଙ୍ଗ କୁ ଖୋଜି ॥ ୧୦୯
କୁଟା ଗଦା ମୂଳେ କଅଁଳା ବାଛୁରୀ
ନାଚି କୁଦି ଖେଳେ ସୁକି'ଗାଈ ଧରି ରାହା ।
ଅଜାଘର ଗାଈ ବୋଉ ବାନ୍ଧି ଦୁହିଁ
ସେବାକରେ ନିତି ଭାଗ୍ୟକୁ ହୋଇଛି ସାହା ॥ ୧୧୦
ମିଠାସୁରେ ଗୀତ ଲହରୀ ଝରାଇ
ଡିବି ଧରି ଗାଏ ବରଷା ପବନ ବାଇ ।
ଚିର ଅପାଶୋରା ମନୋଜ୍ଞ ମଧୁର
ମୁଗ୍ଧ ଅନୁଭବ ଯାଇ ପଟ୍ଟାନ୍ତର ନାହିଁ ॥ ୧୧୧
ଯୋଗୀ ଭିକାରୀ ଙ୍କୁ ଦେଖି ବାଜିଦିଏ
ଖୁସିରେ ସଭିଏଁ ତୃପ୍ତ ଆନନ୍ଦ ହୋଇ ।
ମଙ୍ଗଳ ମନାସୀ ଫେରୁଥାନ୍ତି ଯେବେ
ଓଢଣା ଫାଙ୍କରେ ବୋଉ ରହିଥାଏ ଚାହିଁ ॥ ୧୧୨
କା  ନାମେ ଧନ୍ୟ ମହିମା ତାହାର
ମହା ପୁଣ୍ୟବତୀ ସହି ମୋ ଅବୁଝା ଦାଉ ।
ମାଛ ଶୁଖୁଆ କୁ ସାଇତି ଥିବ ସେ
ଖାଇବିନି ବୋଲି କାନ୍ଦିକାନ୍ଦି ପ୍ରାଣ ଯାଉ ॥ ୧୧୩
ବାଳୁତ ମନ ମୋ ଆନନ୍ଦ ଭୁବନ
ଘୂରିବୁଲେ ଦାଣ୍ଡେ ହରଡ ଚଢେଇ ଦେଖି ।

ଚାଳରୁ ଗଡି କି ନୋଧାପାଣି ପଡେ
ଦୁମ୍‌ଦୁମ୍ ହୋଇ ଆନନ୍ଦ ଲାଗଇ ଦେଖି ॥ ୧୧୪
କ୍ଷୀର ଭାତ ଖାଇ ନଦେଲେ ଚଢେଇ
ଖାଇବ ବସିଛି ଖେରସ ଗଛରେ କହି ।
ଆମ୍ବରସ ଭାତ ଖୁଆଇ ଦେବାକୁ
କାଖେ ଧରି ମତେ କହିବ ଚଢେଇ'ହେଇ' ॥ ୧୧୫
ସବୁଜ ବହଳ ସାଗୁଆନ ଗଛ
ଅଗର ପତର ସୁନ୍ଦର କୋମଳ ନାଲି ।
ପହିଲି ବରଷା ସପନ ଛୁଆଁରେ
ଥିରି ଶିହରଣ ଓଳିପାଣି ନାଲିନାଲି ॥ ୧୧୬
ମେଘ ଗରଜଇ ଡାହୁକ ଡାକଇ
ସାରୁଗଛ ମୂଳେ ବେଙ୍ଗନାନୀ ବାହାଘର ।
ବିଲୁଆ ନନାର ହୁକେ ହୋ ଡାକ
ମୁହଁ ସଞ୍ଜବେଳେ ଶୁଣି ଲାଗେ ବଡ ଡର ॥ ୧୧୭
ବାଉଁଶ ବୁଦାରେ ମଣ୍ଡାଛତୁ ଫୁଟି
ଆଖି ଝଲସାଏ ଦୁଧସର ପରି ଦିଶେ ।
ବାରିଘର ପିଣ୍ଡା କାନ୍ଥ ମୂଳେ କେତେ
ନାଡଛତୁ ଫୁଟି ଆନନ୍ଦ ବିଭୋରେ ହସେ ॥ ୧୧୮
ବେଣାଘାସ ହେଂସ ଜେଜେ ବୁଣୁଥାନ୍ତି
ପଥର ଡେଣୁଆ ବାଣି କଷିଧରି ହାତେ ।
କହନ୍ତି ବାବୁଲା ଗାର ଦେଖି ବାଣି
କଷିବୁ ଏମିତି ସ୍ମୃତିରେ ସପନ ସତେ ॥ ୧୧୯
କାହିଁ ଗଲା ଆହା ପିଲାଦିନ ବେଳ ?
ସ୍ନେହ ସରସର ଆନନ୍ଦ ଉଲ୍ଲାସ ହର୍ଷ ।
ବିଭୋର ପ୍ରାଣର ଗୀତିମୟ ଦିନ
ଲଳିତ ମୂର୍ଚ୍ଛନା ବିମୋହିତ ମୁଗ୍ଧ ସ୍ପର୍ଶ ॥ ୧୨୦
ଝଡି ବରଷାରେ ପଡି ଓଦା ହେଲେ
ବାଘମାମୁଁ ଆସେ ଠେଙ୍ଗାଜର ତାତି ଧରି ।
ବଡବଡ କାଛୁ ଆଙ୍ଗୁଠି ସନ୍ଧିରେ
ପୂଜପୋଛି ଜେଜେ ମାଆ କେତେ ସେବାକରି ॥ ୧୨୧
ଦସିଆ ଟୋକେଇ ଭିତରେ ଅପୂର୍ବ
କେତେରଙ୍ଗ ଚୁଡି ବିକନ୍ତି ହାଟରେ ସଂଜେ ।
ଅଡସପୁରରେ ଗଜାଲଘୁ ଚାହା
ରସଗୋଲା ଖୋଇ ଆନନ୍ଦେ ବସାନ୍ତି ଜେଜେ ॥ ୧୨୨
ଦୋପଟୀ ଖେରସ ତ୍ରିବେଣୀ ଯାତରା
ତଣ୍ଡିକଣା ଧାମ ମେଳଣ ମଉଜପୁରେ ।
ମଧୁସ୍ମୃତି ସବୁ ଆନନ୍ଦ ଉଚ୍ଛଳ
ଆଜି ମନେପଡେ ମହା ଜୀବନର ଧାରେ ॥ ୧୨୩
କିଏ ଜାଣିଥିଲା ଆନନ୍ଦ ବିହ୍ୱଳ
ସୁନାର ସକାଳ ପିଲାବେଳ ଯିବ ଚାଲି ?
ଲେଉଟାଣି ଖରା ଛାଇର ଅନ୍ଧାର
ମାଡି ମାଡି ଆସେ ମେଘରାତି ଝୁଲିଝୁଲି ॥ ୧୨୪

କାସାର(ଜଳାଶ୍ରୟ)କାସର(ମଇଁଷି)ଅନ୍ଧାର ଆସର
ବହଳ ଅନ୍ଧାର ଗହନ ରାତିର ଛାଇ ।
ଡରାଏ ଥରାଏ ମାଣ୍ଡିଆ ଖେତରେ
ମଲାଜହ୍ନ ମୁହଁ ମଶାଣି ଆଲୁଅ ଜୁଇ ॥ ୧୨୫
ବନମାଳିପୁର ହାଟରେ ସଉଦା
ଚାଉଳ ଶୁଖୁଆ ଆଳୁ ଲୁଣ ମାଛ କିଣି ।
ଆନନ୍ଦେ ଫେରଇ ବାଇଗଣ ସାରୁ
କଲରା ଲାଉ ଖଡା ବିକି ଟଙ୍କା ଗଣି ॥ ୧୨୬
ଲଣ୍ଠନ ଧରି ଚିଉସନ ଯାଉ
ନଇ ବନ୍ଧେ ବନ୍ଧେ ଅନ୍ଧାର ଆସଇ ମାଡି ।
ଆଣ୍ଠୁଏ ପାଣିରେ ଘରକୁ ଫେରିଲେ
ଝରପାଣି ଲାଗି ଚିନ୍ତାଘାରେ ନଇ ବଢି ॥ ୧୨୭
ତାଳଗଛେ ବଣି ଖଣ୍ଡିଉଡା ଦେଲେ
ଛକିଛକି ତାକୁ ଧରିବାକୁ ମନ ଧାଏଁ ।
ଧାନରୁଆ ହେଲେ ବିଲବଛା ହେଲେ
ମାଇପି ଙ୍କ ମେଳ ଧାଡିଧାଡି ମନମୋହେ ॥ ୧୨୮
ବରଷା ମାସରେ କାଦୁଅ ପଙ୍କରେ
ଗାଁ ର ଚଳଣି ଅସୁମାରି ଅନୁଭବ ।
ବେଙ୍ଗରଡି ଦିଏ ବେଙ୍ଗଫୁଲା ଗାଏ
ମେଘସାଥେ ମିଳି ମହାନନ୍ଦ ଗଉରବ ॥ ୧୨୯
ଘନାଘନ ରସା ନବଜୀବ ଆଶା
ସ୍ୱପ୍ନ ବତୁରା ରସାଳ ନିର୍ଝର ଧାରା ।
ନବରସେ ରଞ୍ଜେ ଜନମନ ପ୍ରାଣ
ନବଯୁବା ହୃଦ ଆନନ୍ଦରେ ଆତ୍ମହରା ॥ ୧୩୦
ବୃଷାଳ ବ୍ୟୋମ(ମେଘ)କି ମହାବଳ ବାଘ
ଗର୍ଜନେ ପାହାଡ ବନବିଲ ଗ୍ରାମ ଥରେ ।
ଘୋର ବରଷାରେ ସ୍କୁଲ ଛୁଟିହେଲେ
ଆହା କି ଆନନ୍ଦ ଉଡିଯାଏ ମନ ଘରେ ॥ ୧୩୧
ଅଣଚାଷ ମେଘ ପ୍ରଚଣ୍ଡ ପ୍ରକୋପ
ବଜ୍ର ବିଜୁଳି ଇନ୍ଦ୍ରକୋପ ଜ୍ୱାଳା ସହି ।
ଗୋପପୁରବାସୀ ଯଶ ଗଉରବ
ଗିରି ଗୋବର୍ଦ୍ଧନ ଟେକି ଧନ୍ୟ ଭାବଗ୍ରାହୀ ॥ ୧୩୨
ବଳରିପୁ (ଇନ୍ଦ୍ର) ଗର୍ବ ଖର୍ବହେଲା କ୍ଷଣେ
କାଳିକା(ମେଘ)ପ୍ରକୋପ କୁଳୀଶ(ବଜ୍ର)ଚଡକ ତୁଚ୍ଛ ।
ଶରଣ ପଶିଲେ କୃଷ୍ଣପାଦ ପୂଜି
ଗିରି ଗୋବର୍ଦ୍ଧନ ନାମଯଶ ପୁଷ୍ପଗୁଚ୍ଛ ॥ ୧୩୩
ଦିନରାତି ଧରି ମୂଷଳ ବରଷା
ଧାରା ଶିରାବଣ ଝଡ ବତାସକୁ ଡର ।
କୃଷକ ମୂଲିଆ ଘରେ ବ୍ୟବସାୟୀ
ହାଟବାଟ ବିନା ଭୋଗୁଥାନ୍ତି ଦୁଃଖ ଘୋର ॥ ୧୩୪
ଜଳବନ୍ଦୀ ହୋଇ ଚୂଡାଗୁଡ ଖାଇ
ଭୋକ ଉପାସରେ ଚୁଲି ଜଳେ ନାହିଁ ଘରେ ।

ନଦୀବଢ଼ି ଦେଖି ରିଲିଫ୍ ଚାଉଳ
ଲାଗି ଲାଗେ ଭିଡ ଘରବାରି ପାଣି ଝରେ ॥ ୧୩୫
ଚାଳଘର ପିଣ୍ଡା ପୀଢ଼ାରେ କଖାରୁ
ପୋଇ ଲାଉ ଶିମ୍ବ ମାଡିଯାଏ ମନଭରି ।
ଫୁଲକଖି ଦେଖି ପ୍ରାଣରେ ପୁଲକ
ଫୁଲେଫୁଲେ ହସ ମୁକୁତା ପଡୁଛି ଝରି ॥ ୧୩୬
କାହିଁଗଲା ହଜି ମାଟିର ମମତା
ପ୍ରୀତିର ମହକ ଝାଟିମାଟି ଚାଳଘର ?
ଦୁଃଖସୁଖ ସହି ମିଳିମିଶି ସର୍ବେ
ଏକାଠି ଚଳିବା ହୋଇ ପ୍ରିୟ ଆପଣାର ॥ ୧୩୭
ହଜିଛି ସେ'କାଳ ଶ୍ରାବଣ ସକାଳ
ଶରତ ପୂନେଇ ରାତିର ଜୋଛନା ଧାରା ।
ଫଗୁଣର ଆମ୍ବ ବଉଳ ମହକ
ଦୋଳଯାତ୍ରା ଫଗୁ ଖେଳରେ ଆନନ୍ଦ ସାରା ॥ ୧୩୮

## ମେଘ ଐଶ୍ୱର୍ଯ୍ୟ

ନିଦାଘ ଶେଷରେ ଅମୃତ ସୃଜନ
ବାରିବାହ ବିନ୍ଦୁ ବିଶ୍ୱହିତେ ପ୍ରାଣୀହିତେ ।
ସୁଜଳା ସୁଫଳା ଧରିତ୍ରୀ ସୁନ୍ଦରୀ
ସ୍ୱର୍ଣ୍ଣ ପ୍ରସବିନୀ ଐଶ୍ୱର୍ଯ୍ୟଶାଳିନୀ ସତେ ॥ ୧୩୯
ଝିପିଝିପି ମେଘ ଝରଝର ମେଘ
ମେଘର ଝରଣା ଝରୁଛି ଅମୃତ ଝରା ।
ରୁଞ୍ଜି ରୁଚିର ମେଘମାଳା କୁଞ୍ଜି
ଅଭ୍ରଂଲିହ ଆଭା ଅପାଙ୍ଗ ଅଳକା ଝରା ॥ ୧୪୦
ଅଭିରାମ(ସୁନ୍ଦର)ରୂପ ଅଭିଖ୍ୟା(ଖ୍ୟାତି)ଅପାର
ନୀଳକୃଷ୍ଣ ଜ୍ୟୋତି ଆକାଶ ମଣ୍ଡଳେ ଭାସେ ।
ସ୍ୱର୍ଗବାଳା ବଧୂ କୁସୁମିତ କାନ୍ତି
ଲଲାଟ ଲପନ ଅଚୁମ୍ବିତ ରୂପ ରସେ ॥ ୧୪୧
ମେଘକନ୍ୟା ଶୋଭା ସ୍ୱୟମ୍ବର ଦେଖି
ଲାଗୁଛି ଅପୂର୍ବ ଧରିତ୍ରୀ ପ୍ରକୃତି ରୂପ ।
ଲାବଣ୍ୟ ସରସ ନୀଳଶୈଳ ବର
ରମ୍ୟରୂପ ଛବି ନୀଳମଣି ଜ୍ୟୋସ୍ନା ଲେପ ॥ ୧୪୨
ଅଶନି(ବଜ୍ର)ଅସନ ମେଦିନୀ ଉଛନ୍ନ
ଝରଝର ମେଘ ଝରୁଛି ଅପୂର୍ବ ରାଗେ ।
ବିଭୋର ପ୍ରୀତିରେ ଆଲିଙ୍ଗନବଦ୍ଧ
ଅବନୀ ଅମ୍ବର ଦେଖି ଆଚମ୍ବିତ ଲାଗେ ॥ ୧୪୩
ମେଘ ମେଘ ମିଶି ମିଳନ ଲଗ୍ନରେ
ସୃଜନ୍ତେ ସୁଷମା ସାଗର ସରଗ କୋଳେ ।
ଝର୍ଝର ନିସ୍ୱନ ସ୍ୱର ସୁମଧୁର
ଆନନ୍ଦ ଅମୃତ ରୋମା ବେପଥୁ ତୋଳେ ॥ ୧୪୪
ଜଳଚର ପ୍ରାଣୀ ମତ୍ସ୍ୟଜାତି ଯେତେ
ଆନନ୍ଦେ ନାଚନ୍ତି ଦେଖି ମେଘ ପୁଷ୍ପହସ ।
ଜଳ ସଙ୍କଟରେ ପରାଣ ସଙ୍କଟ

ଚଳିଯିବ ଜାଣି ଆସିଲାଣି ମେଘ ମାସ ॥ ୧୪୫
ଯୌବନ ଉଚ୍ଛଳ ନଦୀ ନାଳ ହ୍ରଦ
ତଡାଗ ତୁରିତେ ମେଘଜଳେ ଦେଇ ଲମ୍ଫ ।
ଧରାକୁ କି ସରା ମଣନ୍ତି ମୁହୂର୍ତ୍ତେ
ମହାବେଗ ହୋଇ କମ୍ପମାନ କମ୍ପକମ୍ପ ॥ ୧୪୬
ନିରୋଳା ଅନ୍ଧାରେ ପାହାଡ ସନ୍ଧିରେ
ଲୁଚିଛପି ମେଘ ଜହ୍ନର ପ୍ରଣୟୀ ସାଜି ।
ମନ ଜିଣିବାକୁ ମନଭରି ନାଚେ
ମାଟିରେ ପ୍ରୀତିରେ ମନ୍ଦ୍ର ନିନାଦେ ହଜି ॥ ୧୪୭
କେତେ ରୂପେ ମେଘ ମହିମା ଝଲସେ
ଲାଜନୀଳ କାନ୍ତି କୁମୁଦ କମଳ ହସ ।
ମଙ୍ଗଳ ମନାସୀ ପ୍ରୀତି ସାଧନାରେ
ସମର୍ପିତ ପ୍ରାଣ ପ୍ରିୟମ୍ବଦା ହୃଦବଶ ॥ ୧୪୮
ନ ଡରି ନିଦାଘ ଘୋର ରୌଦ୍ରତାପ
ନୀଳକଣ୍ଠ ପରି ଆନନ୍ଦ ବିସ୍ମୟ ତନୁ ।
ଧରାସ୍ୱର୍ଗ ଲାଗି ଆସିଛି ଧରାକୁ
ଧରି ନବରୂପ ନୀଳିମ ନୀରଦ ଭାନୁ ॥ ୧୪୯
ଛିଡିକି ପଡିଛି ନୀଳ ବ୍ୟୋମହାର
ମୁକୁତା ଅ ଳ ଧରିତ୍ରୀ ବଦନେ ଧୀରେ ।
ହେନାଫୁଲ ପରି ରୌପ୍ୟପୁଷ୍ପ ବୃଷ୍ଟି
ବିନ୍ଦୁବିନ୍ଦୁ ଝରି ପଡୁଛି ହୃଦୟ ଝରେ ॥ ୧୫୦

ଇନ୍ଦୀବର ଶୋଭା ଇନ୍ଦିରା ସୁନ୍ଦରୀ
ନୀଳ ଜ୍ୟୋତ୍ସ୍ନାସ୍ନାତ ନୀଳ ସଞ୍ଜ ଅଭ୍ର(ମେଘ)ମାଳା ।
ନୀଳାମ୍ବୁ ନାୟିକା ଭୂସ୍ୱର୍ଗ ଚିଲିକା
ନୀଳଜ୍ୟୋତି ବଳେ ନୀଳାଭ ଉର୍ମିଳ ବାଳା ॥ ୧୫୧
ସ୍ୱର୍ଗପୁର ଛାଡି ଆସନ୍ତି ଅପ୍‌ସରା
ଦେଖିବାକୁ ଦୂରେ ମେଘରାଣୀ ରୂପଶୋଭା ।
ବୈଦୁର୍ଯ୍ୟ ଖଚିତ ହୀରକ ଚପଳା
ରଜତ ମୁକୁତା ବିଭାସିତ ରୂପବିଭା ॥ ୧୫୨
ମେଘବର୍ଣ୍ଣା ନୀଳ ଅମ୍ବର ଭୂଧର
କୁନ୍ଦନ(ସୁବର୍ଣ୍ଣ) ସୁନ୍ଦର ସମ୍ମୋହିତ ରୂପ ରବି ।
ସ୍ୱର୍ଣ୍ଣ ସିଂହାସନ ସ୍ୱର୍ଣ୍ଣିମ ଭୂଷଣ
ସ୍ୱର୍ଣ୍ଣମୟ ମେଘ ସୁଷମା ବିଭୋର କବି ॥ ୧୫୩
ଗିରି ଗୁହା ପରି ଦିଶେ ମେଘକୁଞ୍ଜ
ସ୍ୱର୍ଣ୍ଣ ରବି ରେଣୁ ପ୍ରକାଶେ ହିରଣ୍ମୟ ଶୋଭା ।
ଉଭାସିତ ଅବ୍‌ଦ(ମେଘ) ଅ ଳ ମଞ୍ଜୁଳ
ସ୍ୱର୍ଣ୍ଣ ଅଭିଷେକ ଅପରୂପ ମନଲୋଭା ॥ ୧୫୪
ସ୍ୱଚ୍ଛ ସୌରକର ଲାବଣ୍ୟ ଉଜ୍ଜ୍ୱଳ
ସ୍ୱର୍ଣ୍ଣ ଚିତ୍ରକର ତୂଳିରେ ସୁବର୍ଣ୍ଣ ସ୍ରୋତ ।
ବୋଲି ହୋଇଯାଏ ପ୍ରାଚୀଠୁ ପ୍ରତୀଚୀ
ସୃଜନ ବନ୍ଦିତ ଯଶ କୀର୍ତ୍ତି ଅଭିପ୍ରେତ ॥ ୧୫୫
ନୀଳ ଜାହ୍ନବୀର ସ୍ୱର୍ଗ ନୀଳଦ୍ୟୁତି

ଫୁଟିଛି ଅମ୍ବରେ ଜୀମୂତ ଜୋଛନା ହୋଇ ।
କୃଷ୍ଣନୀଳ ତନୁ ତମାଳ ବିଥିକା
କୃଷ୍ଣ ତମାଳ କି ହସେ ଆଖି ଝଲସାଇ ॥ ୧୫୬
ଶୃଙ୍ଗାର ବିଳାସ ଲାଗିକି ବିଭୋରେ
ଛଦ୍ମରୂପ ଧରି କାମଦେବ କାଦମ୍ବିନୀ ।
ରାଧା ମନ ମୋହି କୃଷ୍ଣ ହୃଦ ଦହି
ତନ୍ମୟ ତଲ୍ଲୀନ ପ୍ରୀତିସୁଧା ପ୍ରସବିନୀ ॥ ୧୫୭
ତୁଷାର ମଣ୍ଡିତ ଗିରିଶୃଙ୍ଗ ଶୋଭା
ଶ୍ୱେତପଦ୍ମ ପ୍ରଭା ସୁଶୋଭିତ ପ୍ରଭାବ୍ୟାପ୍ତ ।
ମେଦୁର ମୁଦିର(ମେଘ) କୃଷ୍ଣ କଳାନିଧି(ଚନ୍ଦ୍ର)
ଲାସ୍ୟମୟୀ ଜ୍ୟୋସ୍ନା ତନ୍ଦ୍ରାଭୂତ ତୃପ୍ତ ଦୀପ୍ତ ॥ ୧୫୮
କୁଆଁରୀ ମେଘର କୁହୁକ ପରଶ
ଆହ୍ଲାଦିନୀ ପ୍ରୀତି ଐଶ୍ୱର୍ଯ୍ୟ ବିଳାସ ଲାଗି ।
ତପ୍ତ ଲେଲିହାନ ରୌଦ୍ର ତପସ୍ୟାରେ
ଉ ର୍ଦ୍ଧ ଧରା କି ପାଲଟି ତପସ୍ୱୀ ଯୋଗୀ ॥ ୧୫୯
ବସୁନ୍ଧରା ନାମ ଯଶର ମହିମା
ସାର୍ଥକ ସଂସାରେ ସର୍ବଭୂତେ ସର୍ବସଂହା ।
ଗ୍ରୀଷ୍ମକାଳ ତା'ର ମହା ଯଜ୍ଞଶାଳା
ଘୃତଜଳ ଦାନେ ପ୍ରୀତ ବୈଶ୍ୱାନର ସାହା ॥ ୧୬୦
ବିଶ୍ୱ ବିଧାତା ଙ୍କ ଅପୂର୍ବ ବିଧାନ
ତପ୍ତ ବସୁନ୍ଧରା ତପସ୍ୱିନୀ ତପ ଶ୍ରେୟ ।



ଶୁଦ୍ଧ ତନୁ ତାର କିରଣ ଜାଲରେ
ଜ୍ୱଳନ୍ତ ଭାସ୍ୱର ଲଭି ବାରି ବରାଭୟ ॥ ୧୬୧
ପ୍ରାଚୀ ଠୁ ପ୍ରତୀଚୀ ଅବାଚୀ ଉଦିଚୀ (ଉ ର)
ଅଷ୍ଟ ଦିଗପାଳ ଦିଗଭାଗ ଯଜ୍ଞ ଜ୍ୟୋତି ।
ମାଟିଗୋଡି ତପ୍ତ ଅନଳ ତାପରେ
ଶୁଷ୍କ ବାୟୁ ବହେ ଅଗ୍ନିମୟୀ ମହାସତୀ ॥ ୧୬୨
ସହସ୍ରାଂସୁ ଜ୍ୱାଳା ସୃଜେ ଅମ୍ବୁକଣା
ଶୀତଳ ବାରିଦ ଶୀକର ସମୀର ଦେହେ ।
ଐରାବତ ରତ୍ନ ରଣ ଶୁଝିବାକୁ
ଧରି ଇନ୍ଦ୍ରାୟୁଧ କରକା ଫିଙ୍ଗିକି ମୋହେ ॥ ୧୬୩
ପ୍ରୀତି ଆହ୍ଲାଦିତ ପରମା ପ୍ରକୃତି
ଦେଖି ମେଘାଚ୍ଛନ୍ନ ଆକାଶମଣ୍ଡଳ ମୁଗ୍ଧ ।
ଲଳିତ କୋମଳ ସ୍ନିଗ୍ଧ ବଳାହକ(ମେଘ)
ମୁକୁତା ନିହାର ଲୋଡେ ପ୍ରାଣ ପ୍ରୀତିଦଗ୍ଧ ॥ ୧୬୪
ଉର୍ବଶୀ ମେନକା ରମ୍ଭା ତିଲୋ ମା
ସୁକେଶୀ ଘୃତାଚୀ ମଞ୍ଜୁଯୋଷୀ ଚିତ୍ରରେଖା ।
କରମାଳୀ(ରବି) କରେ କରମ୍ବିତ(ମିଳିତ)ମେଘ
ଲାସ୍ୟମୟ ଛନ୍ଦେ ଝରାଇ ଲାବଣ୍ୟ ଶିଖା ॥ ୧୬୫
ଦେବାଙ୍ଗନା ମିଳି କରନ୍ତି ବନ୍ଦନା
ଧନ୍ୟ ବସୁନ୍ଧରା ଜାହ୍ନବୀ ସୁନ୍ଦର ପ୍ରାଣ ।
ପୀୟୂଷ ପ୍ରସନ୍ନ ସ୍ୱର୍ଗଗଙ୍ଗା ଲାଗି

ଖସେ ବାରିଧାରା ହୋଇ ସୁଧା ପ୍ରସ୍ରବଣ ॥ ୧୬୬
ଧନ୍ୟ ସୁରପତି ବୈକୁଣ୍ଠ ବିଳାସୀ
କୈଳାସପତି ଙ୍କ ମହା ବରଦାନ ବାରି ।
ଶସ୍ୟ ପୁଷ୍ପ ଫଳ ମୂଳ ରସମୟ
ସ୍ୱାଦିଷ୍ଟ ରସାଳ ବସୁନ୍ଧରା ସ୍ୱର୍ଗପୁରୀ ॥ ୧୬୭
କରୁଣା ବିଧାନ କୃପା ପାରବାର
ପରମ ଦୟାଳୁ ବିଶ୍ୱହିତେ ବୃଷ୍ଟି କରି ।
ସବୁରି କଲ୍ୟାଣେ ମଙ୍ଗଳ ମୋହନ
ମହିମା ପ୍ରକାଶେ ଆତ୍ମାରାମ ହୃଦେ ହରି ॥ ୧୬୮
ସ୍ୱପ୍ନ ଶୀତଳ ସ୍ୱାଗତ ଗୀତିକା
ସ ରି ଯାଏ ମାଟିକୁ ମେଘରୁ ଝରି ।
ଡହଳ ବିକଳ ପ୍ରାଣ କି ବିହ୍ୱଳ
ଆଦ୍ୟ ବାରି ସ୍ୱାଦ ପାନେ ପ୍ରୀତ ପ୍ରାଣଭରି ॥ ୧୬୯
ବନ୍ଧ୍ୟା ମାଟିକୁ ଉର୍ବରା କରେ
ଉର୍ବଶୀ ମେଘ ମଧୁଛନ୍ଦେ ନାଚିନାଚି ।
ସବୁଜ ସକାଳ ଦିଶେ କି ଉଜ୍ଜ୍ୱଳ
ଶସ୍ୟ ଶ୍ୟାମଳା ସୃଜନ ସଙ୍ଗୀତ ରଚି ॥ ୧୭୦
ମେଘଦୂତ ପ୍ରୀତି ପ୍ରୀତିଦୂତ ମେଘ
ମେଘ ପ୍ରୀତି ଚିର ନିବିଡ ନୀଳିମା ପରି ।
କାମଦେବ ସଖୀ ଶୃଙ୍ଗାର ବିଳାସ
କଳା ନୈପୂଣ୍ୟରେ ସ୍ୱର୍ଗବାଳା କାହୁଁ ସରି ?॥ ୧୭୧



ଚିର ଆଶାନ୍ୱିତ ଆଷାଢ଼ ଆକାଶ
ହରି ହୃଦ କ୍ଳେଶ ଭାରାକ୍ରାନ୍ତ ବ୍ୟଥାଭାର ।
ନବ ସଞ୍ଜୀବନୀ ସୃଜନ ସ ।ରୀ
ପ୍ରତି ପ୍ରାଣେ ପ୍ରୀତି ପୁଲକ ପ୍ଲାବନ ଝର ॥ ୧୭୨
ସର୍ବଗ ସୁସ ଶୀତାଂଶୁ ସୁପାତି
ମେଘଶ୍ରୀ ରୋଷଣି ଭାସିବୁଲେ ଦୂରେ ଦେଖି ।
ନୀଳ ଆକାଶରେ ଶ୍ୟାମକଣ୍ଠ ଶୋଭା
ସୁରଙ୍ଗ ଚାନ୍ଦୁଆ ସମାଛନ୍ନ ଶୁଭା ଲାଖି ॥ ୧୭୩
ଲଳିତ କଳିତ(ସୁନ୍ଦର)କାଳିକା(ମେଘ) କଳାପ
ସୁରମ୍ୟ କବରୀ ପରଶୁଛି ପୁଣ୍ୟଜଳ ।
କର୍ଷକ କର୍ଷଣ କୃଷି କୃଷ୍ଟି ପ୍ରାଣେ
ପୀୟୁଷ ନିର୍ଝର ହେବ ଜଗତ ମଙ୍ଗଳ ॥ ୧୭୪
ମେଘକୁଞ୍ଜ ଦେଖି ନାଚଇ ମୟୂର
ପୁଷ୍ପଧନୁ ପୁଚ୍ଛ ଲାବଣ୍ୟ ଚନ୍ଦ୍ରମା ନୀଳ ।
ଉଜ୍ଜ୍ୱଳ କଜ୍ଜ୍ୱଳ ଆଖିର ସୁଷମା
ସ୍ୱର୍ଗ ରାଜଜେମା ଉଭାସିତ ନୀଳଶୈଳ ॥ ୧୭୫
ବରଷା ଋତୁରେ ଗଭୀର ରାତିରେ
ନିବିଡ ଆଶ୍ଳେଷ ଶୃଙ୍ଗାର ମିଳନ ପର୍ବ ।
ଝର୍ଝର ନିର୍ଝର ଆନନ୍ଦ କମ୍ପନ
ଜଗାଏ ରୋମା ଲାଗେ ପ୍ରୀତି ମହାସ୍ୱର୍ଗ ॥ ୧୭୬
କେତେ ମିଠା ମୁଗ୍ଧ ବର୍ଷାର ସାନ୍ନିଧ

ଭିଜାଭିଜା ତନୁ  ରୋମା   ବେପଥୁ ତାତି  ।
ଯୌବନ ଆଷାଢ଼ ତାରୁଣ୍ୟ ଲାବଣ୍ୟ
ଶ୍ରାବଣ ଜୋଛନା ଚୋରା ଜହ୍ନ ମେଘରତି   ॥ ୧୭୭
ମାଟିର ମହିମା ଜାଣି ମରୁତ୍ୱାନ(ମେଘ)
ଅମୃତମୟ ଆନନ୍ଦ ଉଚ୍ଛଳ ଧାରା  ।
ଅମୃତ ପାନେ ସୁଜଳା ସୁଫଳା
ଐଶ୍ୱର୍ଯ୍ୟମୟୀ ଧନ୍ୟ ସ୍ୱର୍ଣ୍ଣପ୍ରସୂ ଧରା   ॥ ୧୭୮
ଆଷାଢ଼ ଛୁଇଁଲେ ସାରା ଆକାଶଟା
ଦିଶେ ମେଘମେଘ କବିତା କବିତା ମେଘ  ।
ମହାକାବ୍ୟମୟ ମଙ୍ଗଳ ମୂରତୀ
ମେଘମଧୁ ଝରେ ଭୁଲାଇ କ୍ଳେଶ ନିଦାଘ  ॥ ୧୭୯
କାକଳି କୂଜନ ଅମୃତ ନିସ୍ୱନ
ରସମୟ ପ୍ରୀତି ଗୀତିମୟ ପ୍ରୀତିଧାରା  ।
ପ୍ରୀତି ଆହ୍ଲାଦିତ ଅମୃତ ପରଶ
ଶୃଙ୍ଗାର ବିଳାଶ ଲଭି ପୁଣ୍ୟବତୀ ଧରା  ॥ ୧୮୦
ଧରାସ୍ୱର୍ଗ ଲାଗି ମେଘ ମହେଶ୍ୱର
ନିଖିଳ ପ୍ରାଣରେ ନିରବଧି ଆଶାପ୍ରୀତି  ।
କୈବଲ୍ୟ କଣିକା କମଳିନୀ କୃପା
ଝରେ ବାରିବିନ୍ଦୁ ହୋଇ ଧରାପୁଣ୍ୟ କୀର୍ତ୍ତି ॥ ୧୮୧
ଉତୁଙ୍ଗ ଉତ୍‌ଫୁଲ୍ଲ  ମଧୁଛନ୍ଦା ମେଘ
ରୂପ କର୍ବୁରିତ(ବହୁବର୍ଣ୍ଣା) ଅପୂର୍ବ ଅପୂର୍ବ ଲାଗେ  ।



ମେଘମନ୍ତ୍ର ଧ୍ୱନି ପ୍ରଣବ ଓଁଙ୍କାର
ଘୋଷେ ବସୁନ୍ଧରା ନିଖିଳ ହୃଦୟ ଜାଗେ  ॥ ୧୮୨
ମଙ୍ଗଳ ଆସ୍ପଦ(ଆଧାର) ମେଘ ମହାସତ୍ୟ
ଶୃଙ୍ଗାର ସର୍ଜନା ନବଆଶା କଳରବ  ।
ତୃଷିତ ହୃଷିତ ଧରା କ୍ଳେଶ ଦହି
ଐଶ୍ୱର୍ଯ୍ୟ ପରଶେ ସୁଖଶାନ୍ତି ପ୍ରୀତିସ୍ତବ  ॥ ୧୮୩
ମେଘ ଲାଗି ସ୍ୱର୍ଗେ ପ୍ରସିଦ୍ଧ ମଘବା(ଇନ୍ଦ୍ର)
ଧରାକୀର୍ତ୍ତି ଲାଗି ଇନ୍ଦ୍ରପୁରେ ଇନ୍ଦ୍ରମଣି  ।
ଆନନ୍ଦ ରସରେ ମେଘମାଳା ସୃଜି
ଆଶିଷ ଢାଳନ୍ତି  ବିଶ୍ୱପ୍ରାଣୀ ହିତଜାଣି ॥ ୧୮୪
କୃପାଜଳ ପୁଷ୍ଟ ମେଘ ଯଶ କୀର୍ତ୍ତି
କ୍ଷଣପ୍ରଭା(ଇନ୍ଦ୍ରଧନୁ)ଶୋଭା ସବୁଜ ସମ୍ଭାର ଲାସ୍ୟ  ।
ଖେଳିଯାଏ ଧରା ପ୍ରାଣରେ ମୂର୍ଚ୍ଛନା
ପ୍ରୀତି ମିଳନର ଜାଣିକି ପ୍ରୀତି ରହସ୍ୟ   ॥ ୧୮୫
ସୌମ୍ୟ ଶୁଭ୍ର ଶାନ୍ତ ଶରତ ଆକାଶ
ନୀଳାଭ କର୍କର(ଦର୍ପଣ)ଦେଖି ଜଳଜୀବ ଧନ୍ୟ  ।
ମହାତୀର୍ଥ ମଣି ନୀଳସ୍ୱର୍ଗ ମେଘ
ପୂଜାର୍ଚ୍ଚନା କରି ଅରଜନ୍ତି ମହାପୁଣ୍ୟ  ॥ **୧୮୬**
ହେମକାନ୍ତି ହେତି(କିରଣ) ହିମାଦ୍ରି ହିରଣ୍ମୟ
ହୃଷ୍ଟପୃଷ୍ଟ ହୃଦ୍ୟ ହରିପ୍ରିୟା(ପୃଥିବୀ,ଲକ୍ଷ୍ମୀ)ମେଘହାର ।
ଦୁଧସର ପରି ଚିକ୍କଣ କୋମଳ

ବନଜ୍ୟୋତ୍ସ୍ନା ରାତି ଭୂସ୍ୱର୍ଗ ଅଳକାପୁର ॥ ୧୮୭
ରଜତ ରଚିତ ସୁଷମା ଖଚିତ
ଅତୀବ ରୁଚିର ଅଭିନବ ଜଳଧର ।
ଦିବ୍ୟ ମନୋହର ଲାବଣ୍ୟ ଭାସ୍ୱର
କାନ୍ତି କମନୀୟ କୃଷ୍ଣନୀଳ ହରିହର ॥ ୧୮୮
ସୁନ୍ଦରୀ ଶ୍ରୀରାଧା ମନ ଜିଣିବାକୁ
ମେଘ ମହେଶ୍ୱର କନ୍ଦର୍ପ ସୁନ୍ଦର ରୂପ ।
ସୃଜିଛି ବିଧାତା ସୁଷମା ସର୍ବସ୍ୱ
ସର୍ବରୂପ ସାର କଳାକାହ୍ନୁ ନୀଳରୂପ ॥ ୧୮୯
ମେଘଲାଗି ବିଶ୍ୱ ବୈଚିତ୍ର ବୈଦୁର୍ଯ୍ୟ
ବିବିଧ ବର୍ଣ୍ଣାଢ୍ୟ ରୂପମେଳା ମହୋତ୍ସବ ।
ମେଘମଗ୍ନା ମାଟି ମାଟିରେ ଅମୃତ
ଝରେ ସୁଧାଝର କରି କେତେ କଳରବ ॥ ୧୯୦
ମେଘ ମାଟି ଲାଗି ବିହ୍ୱଳ ବିଭୋଳ
ଆକାଶେ ପ୍ରକାଶେ କେତେ କଳା ବଉଶଳ ।
ଅମୃତ ଝରାଇ ବରଷେ ଆନନ୍ଦେ
ଝଡସାଥେ ଲଢି ଜିଣି ତାର ବଳକଳ ॥ ୧୯୧

## ମେଘ ବିଳାସ

ମେଘ ପାଲିଙ୍କିରେ ବରଷା ରାଣୀ
ମଥାରେ ଚାନ୍ଦୁଆ ବେକରେ ବିଜୁଳି ହାର ।
ନୀଳକୃଷ୍ଣ ପାଟ ଶୋଭାସିନ୍ଧୁ ତଟ
ଆନନ୍ଦବର୍ଦ୍ଧକ ସୁଷମା ସ୍ୱର୍ଗ ଭଣ୍ଡାର ॥ ୧୯୨
କଠିନ କୋମଳ ନୀଳଜ୍ୟୋତ୍ସ୍ନା ଶୈଳ
ଉ ୁଙ୍ଗ ଶୃଙ୍ଗ କି ସ୍ୱର୍ଗୀୟ ଶୋଭା ସମ୍ଭାର ।
ଉତ୍ସବ ମୁଖର ଭାସମାନ ଠୁଳ
ଆକାଶ ମଣ୍ଡଳେ ନାହିଁ ଯା'ର ପଟାନ୍ତର ॥ ୧୯୩
ଶୃଙ୍ଗାର ବିଳାସ ଲାଗି କି ସର୍ଜନା
ପ୍ରୀତି ସଞ୍ଜୀବନୀ ସ ।ରେ ସବୁରି ପ୍ରାଣେ ।
ଅନୁପମ ମୁଗ୍ଧ ଆହ୍ଲାଦିନୀ ସ୍ପର୍ଶ
ରୋମା ବେପଥୁ ଖେଳିଯାଏ ପ୍ରତିକ୍ଷଣେ ॥ ୧୯୪
ସୁଧାରସ ଧରି ଆସିଛି ସରଗୁ
ବରଷେ ହରଷେ ମନ୍ତ୍ରମୁଗ୍ଧ ବସୁନ୍ଧରା ।
ମଙ୍ଗଳ ବିଧାନ ପୁଣ୍ୟ ଶୁଭନାମ
ସାର୍ଥକ ହୋଇଛି ବିଶ୍ୱହିତେ ବିଶ୍ୱମ୍ଭରା ॥ ୧୯୫
ମେଘ ଘଡଘଡି ରଡି ଚଡଚଡି
ବିଜୁଳି ଝଲକ ଥରାଏ ପଥର ହିଆ ।
ଟୁପୁରୁ ଟୁପୁରୁ ଟୋପାଟୋପା ମେଘ
ଟପଟପ ହୋଇ ଝରାଏ ପୀରତି ନିଆଁ ॥ ୧୯୬
ପ୍ରେୟସୀ ମେଘର ପ୍ରୀତିଝରା ଆଖି
ଓଠରେ ଚୁମ୍ବନ ଆଲିଙ୍ଗନ ଘନଘନ ।
ନିବିଡ ପ୍ରୀତିରେ ବାହୁ ବନ୍ଧନୀରେ
ଭିଡିଧରି ପ୍ରୀତି ପୀୟୂଷ ପାନେ ଉଚ୍ଛନ୍ନ ॥ ୧୯୭

ମେଘମାଳା ଦିଶେ ଦିବ୍ୟ ସ୍ୱର୍ଗବାଳା
ଦଳଦଳ ହୋଇ ଧରାକୁ ଖସିବା ପାଇଁ ।
ପ୍ରାଣ କନ୍ଦରରେ ପ୍ରୀତିର କଲ୍ଲୋଳ
ବାରି ଢଳଢଳ ପ୍ରଣୟ ଉଚ୍ଛଳ ହୋଇ ॥ ୧୯୮
ଐଶ୍ୱର୍ଯ୍ୟଶାଳିନୀ ମେଘ ରୂପଯଶ
କାବ୍ୟମୟ ସ୍ୱର୍ଗ ଶୋଭାସ୍ନିଗ୍ଧ ଚନ୍ଦ୍ରହାସ ।
ଘନୀଭୂତ ନୀଳ ବହଳ ଅନ୍ଧାର
ନୀଳତନ୍ଦ୍ରା ନୀଳ ଚନ୍ଦ୍ରଶାଳା ପରକାଶ ॥ ୧୯୯
ଅପୂର୍ବା ରୂପସୀ ବଦନ କମଳା
ଜୋଛନା ଝରାଏ ଶଶୀମୁଖୀ ହସିହସି ।
ଅମୃତ ଝରାଏ ଐଶ୍ୱର୍ଯ୍ୟ ଝରାଏ
ଆହ୍ଲାଦ ସର୍ବସ୍ୱ ଅପୂର୍ବ ସୁଷମା ରାଶି ॥ ୨୦୦
ଚୁମ୍ବୁଥାଏ ମେଘ ପାହାଡ ମଥାନ
ସାଗର ଛାତିକୁ ନୀଳ ଆକାଶରେ ରହି ।
ପ୍ରୀତିମଗ୍ନ ପ୍ରାଣେ ପୂର୍ଣ୍ଣରତି ତୃପ୍ତି
ମିଳନ ପର୍ବରେ ଝରୁଥାଏ ମନମୋହି ॥ ୨୦୧
ମିଠାମିଠା ମେଘ ଗୁଡ ମହୁପରି
ଆମ୍ବରସ ଆଖୁ ପଣସ ସପୁରୀ ଲିଚୁ ।
ପ୍ରଣୟ ମଦିରା ପାନେ କି ବିଭୋର
ବସନ୍ତ ବଉଳ ସ୍ତନପଦ୍ମ ନାଚୁ ନାଚୁ ॥ ୨୦୨
ଷୋଡଶୀ ମେଘର ଛାତିରେ କମ୍ପନ
ଉ  ।ଳ ଯୌବନ ଆନନ୍ଦ ଲହରୀ ଛୁଇଁ ।
ବିଦ୍ୟୁ ବଲ୍ଲୀ ମଲ୍ଲୀ ମାଳା ଧରି ଆସେ
ମହକ ମୂର୍ଚ୍ଛିତ ଆସନ୍ନ ପ୍ରସନ୍ନ ହୋଇ ॥ ୨୦୩
ମୂର୍ଚ୍ଛନା ତୋଳେ ମହକ ବିତରେ
ମତୁଆଲା ହୋଇ ମଧୁବାଳା ପ୍ରୀତିରସେ ।
ସାରା ସଂସାରକୁ ସଜଳ ସବୁଜ
କରିକି ତୃପ୍ତିରେ ମହମହ ହୋଇ ବାସେ ॥ ୨୦୪
ମହାବଳି ମେଘ ରୂପ ରଙ୍ଗ ଛଟା
ସୁଷମା ଲାଳିତ୍ୟ ରସଘନ ରୂପଛବି ।
ଛବିଳ କବିତା ପ୍ରୀତି ମହାକାବ୍ୟ
ଆନନ୍ଦ କଲ୍ଲୋଳ ମହିମା ମୁଖର କବି ॥ ୨୦୫
ମେଘମାଳା ଦିବ୍ୟ ଦୁକୂଳ ମୁକୁଳ
ସ୍ୱର୍ଗବାଳା ମିଳି ମାୟାରୂପ ବେଶ ଧରି ।
ଧରା ଦୁଃଖ ଦେଖି ଧରାବତରଣ
କରନ୍ତି ଆନନ୍ଦେ ଜଳକଷ୍ଟ ପୀଡା ହରି ॥ ୨୦୬
ମେଘବର୍ଣ୍ଣା ହରି ମେଘରୂପ ଧରି
ବିଶ୍ୱବାସୀ ହୃଦ ମୋହୁଥାନ୍ତି ମନଭରି ।
ଆନନ୍ଦ ଉଲ୍ଲାସ ଖେଳିଯାଏ ପ୍ରାଣେ
ଦେଖି ମେଘମାଳା ଭାସିଆସେ ନୃତ୍ୟକରି ॥ ୨୦୭
ପୁଣ୍ୟ ଜଳଦାନେ ଅନ୍ନପୂର୍ଣ୍ଣା ରୂପେ
ଅନ୍ନଦାତ୍ରୀ ମେଘ ବସୁନ୍ଧରା ସେବାରତ ।

ମେଘାସନେ ବସେ ଇନ୍ଦ୍ରଦେବ ସଭା
ଦେବାଦେବୀ ସର୍ବେ ଅଭିଭୂତ ଆଚମ୍ଭିତ ॥ ୨୦୮

## ମେଘ ମରୁଡି

ମେଘ ବାଆ ଦିନ ମେଘର ପ୍ରକୋପ
ଯାଇଛି ସେଦିନୁ ଶୁଭେନାହିଁ ମେଘରଡି ।
ଏଲ୍‌ନିଲୋ ପ୍ରଭାବେ ମରୁଡି ଆତଙ୍କ
ସଭିଏଁ ଚକିତ ମେଘ ଯାଏ ପଥ ହୁଡି ॥ ୨୦୯
ଲଘୁଚାପ ମେଘ ବରଷେ ଲୁଣିଆ
ଜଳଧି ଜଳକୁ ରୁଦ୍ରକୋପ ରୋଷ କରି ।
ଶସ୍ୟ ପୁଷ୍ପ ରସ ପରିବା ଫସଲ
ଉଜୁଡା କ୍ଷେତରେ ବିଷଯାଏ ମାଟି ଚରି ॥ ୨୧୦
ଚକ୍ରବାତ ବଳେ ଘୂରିବୁଲି ମେଘ
ଅଚାନକ ରଚେ ପ୍ରଳୟ ତାଣ୍ଡବ କେବେ ।
କେଉଁଠି ବରଷେ କେଉଁଠି ଗରଜେ
ନାହିଁ ବାଡବତା ଭୋଗୁଥାନ୍ତି ଦୁଃଖ ସର୍ବେ ॥ ୨୧୧
ମେଘର ଠିକଣା ଆକଳନ ଲାଗି
ମହାକାଶେ କେତେ ଘୂରିବୁଲେ ଉପଗ୍ରହ ।
ଫଟୋଚିତ୍ର ସବୁ ଉଠାନ୍ତି ପଠାନ୍ତି
ବାତ୍ୟା ସତର୍କତା ଟିଭି କହେ ଅହରହ ॥ ୨୧୨
ହଜିଛି ମନରୁ ମମତା ସରାଗ



ସରସ ମେଘର ସୁଷମା ଯାଇଛି ହଜି ।
ଖଣ୍ଡପ୍ରଳୟ କି ରଚିବ ଏ ମେଘ
ମହାବାତ୍ୟା ଆସେ ମହାକାଳ ରୂପସାଜି ॥ ୨୧୩
ମେଘ ଦୈତ୍ୟରୂପ ମହାରଡି କୋପ
ଭୀଷଣ ତାଣ୍ଡବ ଧୂମାଳ ବରଷା ପୀଡା ।
ଭୋକ ଉପାସରେ ଗ୍ରାମବାସୀ ଘୋର
ଦୁଃଖେ ଜଳବନ୍ଦୀ ଗାଇଖାଏ ଚାଳନଡା ॥ ୨୧୪
ପାହାଡ ପର୍ବତ ମଥାମଣି ମେଘ
ମୁକୁଟ ମଞ୍ଜୁଳ ଶୁଭ୍ର କାନ୍ତି ସମୁଜ୍ଜ୍ୱଳ ।
ଗହଳ ଚହଳ ମେଘ ଦରବାର
କ୍ଷଣପ୍ରଭା(ବିଜୁଳି)କୋପେ ଘଡଘଡି କୋଳାହଳ ॥ ୨୧୫
ବାଦଲ ଫାଟିଲେ ମେଘ ବନ୍ୟା ଛୁଟେ
ଧସାଇ ପାହାଡ ଧ୍ୱଂସକରି ଧନଜନ ।
ଭାସିଯାଏ ଗ୍ରାମ ଘରଦ୍ୱାର ଗାଡି
ଲିଭିଯାଏ କ୍ଷଣେ ଜୀବନର ଚିହ୍ନବର୍ଣ୍ଣ ॥ ୨୧୬
ବରଫ ମେଘ କି ଭୟଙ୍କର ଥଣ୍ଡା
କରକା ହେମାଳ ହାଡଥରା ପ୍ରାଣଥରା ।
ହିମାଳୟ କୋଳେ ମେଘରୂପ କେତେ
ପ୍ରତୀତ ହୁଅଇ ଧନ୍ୟ କବିନେତ୍ର, ଧରା ॥ ୨୧୭

## ମେଘ କୋପ

କୁଆଡେ ଗଲା ସେ ମେଘ ବାଆ ଦିନ

ବରଷା ବତାସ ମଉସୁମୀ ଝଡି ବଢ଼ି ?।
କାଳର କରାଳ ରୂପ କୋପାନଳ
ଜଳବାୟୁ ରୋଷେ ଋତୁଚକ୍ର ପଥ ହୁଡ଼ି ॥ ୨୧୮
ଅକାଳ ମରୁଡ଼ି ଗ୍ରାସିଛି ଧରାକୁ
ମାଟି ମା କାନ୍ଦୁଛି ମରୁଛି କୃଷାଣ(କୃଷକ)ଭାଇ ।
ମାଟି ଝୁରେ ମେଘ ମେଘ ଝୁରେ ମାଟି
ମଣିଷ ଆତଙ୍କେ ଦୂରେ ବହୁଦୂରେ ରହି ॥ ୨୧୯
କଂକ୍ରିଟ ସଡକ କଳ କାରଖାନା
ଗାଡି ମଟରରୁ ବିଷାଦ କାଳିମା ଘୋଟି ।
ଧୂଆଁଧାର ହୋଇ କୋଇଲା ଜଳୁଛି
ଡରି ମରି ମେଘ ପଥ ହୁଡେ ଛାଟିପିଟି ॥ ୨୨୦
ପଲିଥିନ୍ ଜରି ଆତଙ୍କ ସର୍ବତ୍ର
ମାଟି ମାଆ କାନ୍ଦେ କଇଁକଇଁ ନାହିଁ ନାହିଁ ।
ମାଟିରେ ଅମୃତ ମେଘର ସର୍ଜନା
ଭୂସ୍ୱର୍ଗ ଏ ଧରା ପ୍ରଦୂଷିତ କର ନାହିଁ ॥ ୨୨୧

## ମେଘଦୂତ

ଭାସିବୁଲ ତୁମେ ଦୂର ରାଇଜ କୁ
ଦେଶ ବିଦେଶର ଖବର ରଖିଛ ଜାଣେ ।
ଅମ୍ଳାନ ଅହିଂସ ପୀୟୂଷ ପରଶେ
ପ୍ରୀତିର ସନ୍ଦେଶ ଭରିଦେବ ପ୍ରତି ପ୍ରାଣେ ॥ ୨୨୨
ହାୟ ଗଣତନ୍ତ୍ର ଶୋଷଣ ବ୍ୟବସ୍ଥା
ବିଳମ୍ବିତ ନ୍ୟାୟ ବିଚାର କୁ ଧର୍ମଠାର ।
ପ୍ରମାଣ ଅଭାବ ସତ ମିଛ ମାୟା
ଗୋଟେ ଅଧେ ନୁହେଁ ସହସ୍ର ମାମଲା ଛାର ॥ ୨୨୩
ସଂଖ୍ୟା ଗରିଷ୍ଠ ଙ୍କ ଉତ୍ପାତ ସର୍ବତ୍ର
ଦାଦାବଟି ଚାନ୍ଦା ଗୁଣ୍ଡାଗିରି ମାଡ଼ ନିନ୍ଦା ।
ଦରିଦ୍ର ଦୁର୍ବଳ ଚିର ଅସହାୟ
ଶାସନ ବ୍ୟବସ୍ଥା ମାୟା ର ଗୋଲକ ଧନ୍ଦା ॥ ୨୨୪
ଶାସକ ବିରୋଧୀ ମହା କଳାକାର
କ୍ଷମତା କନ୍ଦଳ ହିଂସା ଦ୍ୱେଷ ବିଷ ଜ୍ୱାଳା ।
ଭୋଟ୍ ରାଜନୀତି ମହାମାୟା ଧନ୍ଦା
ବୁଝିହେବ ନାହିଁ କିଏ କଳା କିଏ ଧଳା ? ॥ ୨୨୫
ବାଦୀ ପ୍ରତିବାଦୀ ଓକିଲ ଙ୍କ ଭାବ
ବନ୍ଧୁତା ଠୁ ବଳି ୟାଙ୍କର ିକର ‘ନ୍ଦି ।
ସତମିଛ କହି କୋଳାକୋଳି ହୋଇ
କେବେ ରାଗୁଥିବେ ହସୁଥିବେ ହାତଛନ୍ଦି ॥ ୨୨୬

କଳା ପତାକା ଠୁ ଅଣ୍ଡା ମାଡ଼ ଯାଏ
ଭୀଷଣ ବିରୋଧ ଇସ୍ତଫା ଦାବିକରି ।
ବାରଦିନ ପରେ ଏମିତି ଶୀତଳ
ତୁଷାର ହେମାଳ ଶୋଇଯିବେ ଚେଇଁ କରି ॥ ୨୨୭
ଆଚମ୍ବିତ ହେବ ଗଦ ସୁଘାଂ ସାପ
ପରି ଏ ବିରୋଧୀ କାନେ କେ ଫୁଙ୍କିଲା ମନ୍ତ୍ର ।
ପଦ୍ମତୋଳା ଶୁଣି ପେଡ଼ିରେ ଗୋଖର
ନାଗସାପ ପରି  ଧନ୍ୟ ଏ ଶାଶନ ତନ୍ତ୍ର ॥ ୨୨୮
ବଡ଼ ସାନ ଭାଇ ଚାଲୁଥାନ୍ତି ଦୁହେଁ
ଆଗପଛ ହୋଇ ନିଭାଇ ଦାୟିତ୍ୱ ବୋଝ ।
ହାରିବା ଲୋକର ଶାସନରେ ଭାଗ
ଅଛି କି ନ ଅଛି ଅଭେଦ୍ୟ ପ୍ରୀତିକୁ ବୁଝ ? ॥ ୨୨୯
ଅପରାଧୀ ଲାଗି କାରାଗାର ଦଣ୍ଡ
ନୁହଁଇ ଉଚିତ ମାନବ ମଙ୍ଗଳ ଲାଗି ।
ମଠ ମନ୍ଦିରରେ ଦିଅ ସେବା କାର୍ଯ୍ୟ
ଜପ ତପ ଦଣ୍ଡ ପ୍ରାୟଶ୍ଚିତ କରୁ ଦାଗୀ ॥ ୨୩୦
ବାରମ୍ବାର ଯଦି କରେ ଅପରାଧ
ଲଣ୍ଡା ମୁଣ୍ଡ କରି ପ୍ରିୟଜନ ହାତେ ମାଡ଼ ।
ବାରଣାସୀ ଗୟା ତ୍ରିବେଣୀ ସଙ୍ଗମ
ପୁରୀ ହରିଦ୍ୱାର ଗଙ୍ଗାତଟେ ନେଇ ଛାଡ଼ ॥ ୨୩୧
ପାଦରେ ଚଲାଇ ତୀର୍ଥସ୍ଥାନ ନିଅ
ଗୋଶାଳା ବଗିଚା ସେବାକାର୍ଯ୍ୟ ଦିଅ ନିତି ।
ଆତ୍ମଶୁଦ୍ଧି ଲାଗି ଦିଅ ଧର୍ମଦୀକ୍ଷା
ସାଧନା ଉଜ୍ଜ୍ୱଳ ମଙ୍ଗଳ କାର୍ଯ୍ୟରେ ମାତି ॥ ୨୩୨
ଆତଙ୍କବାଦୀ ଙ୍କୁ ଦିଅ ବାଘ ମୁଖେ
ନଦୀରେ କୁମ୍ଭୀର ଖାଉ ଖଣ୍ଡଖଣ୍ଡ କରି ।
ନୋହିଲେ ସମାଜ ଉଚ୍ଛନ୍ନ ହୋଇବ
ଭୟ ଆତଙ୍କରେ ଖେଳିବେ ରକତ ହୁରି ॥ ୨୩୩
ଟିଭି ମୋବାଇଲ୍ ଯାତନା ଉତ୍କଟ
ସରସ ପ୍ରାଣର ମାଧୁରିମା ଯାଏ ମରି ।
ଶୁଷ୍କ ନୀରସ ରାଜନୀତି ହିଂସା
ଧର୍ଷଣ ଖବର ଶୁଭେ କମ୍ପମାନ କରି ॥ ୨୩୪
ଟାବ୍‌ଲେଟ୍ ଧରି ପିଲାଏ ପାଗଳ
ଦିନ ରାତି ଦେଖି ହିଂସା ରକତ ଖେଳ ।
ଘର କାମ ଲାଗି ସଭିଏଁ ନାରାଜ

ବାଡ଼ି ବଗିଚ୍ଚରେ କାମ ଶୁଣି ଅସମ୍ଭାଳ ॥ ୨୩୫

## ମେଘ ଲୁହ

ନାହିଁ ଗାଁ ଦାଣ୍ଡ ଗୋହିରୀ ର ଡର
ବାଉଁଶ ଗଛର ବହଳ ଅନ୍ଧାର ରାତି ।
ନାହିଁ ଆମ୍ବତୋଟା ଶୀତଳ ଛାଇ ର
ମଧୁର ସମୀର ମୃଦୁଳ ମଳୟ ପ୍ରୀତି ॥ ୨୩୬
ନାହିଁ ତାଳବଣ ଆକାଶ ଚନ୍ଦୁଆ
ଚକୁଣ୍ଡା ‘ୁଲର ‘ୁଲଝରି ଶୋଭା ନାଲି ।
ନାହିଁ ମେଘପାଗ ମେଘର ଆସର
ମେଘୁଆ ଆକାଶ ସବୁ ଦିଶେ ଖାଲିଖାଲି ॥ ୨୩୭
ନାହିଁ ବେତବଣ ହିଡ଼ ଲଟାବୁଦା
କେନାଲ ଗାଧୁଆ ନଈର ଆନନ୍ଦ ସ୍ନାନ ।
ନାହିଁ ସେ କାଳର ଚାଟଶାଳୀ ପାଠ
ବେତମାଡ଼ ଦାଗ ଅନ୍ଧାର ଡିବି ଲଣ୍ଠନ ॥ ୨୩୮
ନାହିଁ ଘରେ ସଜ ପଖାଳ ମହକ
କାକୁଡ଼ି ପିଆଜ ବାରି ବାଇଗଣ ଲଙ୍କା ।
ନାହିଁ ଆମ୍ବଛେଚା ଆମ୍ବିଳା ତୋରାଣି
ନୂଆ ଆଳୁପୋଡ଼ା ଭଜାଜିରା ଛୁଙ୍କଲଙ୍କା ॥ ୨୩୯



ନାହିଁ ପିଢ଼ା ଲୁଣ କାଠୁଆ ବଇଠା
ଗଇଁଠା ପିଠାକୁ ଆଦରେ ଖାଇବା ପାଇଁ ।
ବୋଉ ହାତ ଭଜା କରଛୁଲି ମାଛ
ଅଣ୍ଡାର ସୁଆଦ ଭଜା ମୁଗ ବଡ଼ି ଛୁଇଁ ॥ ୨୪୦
ନାହିଁ ପୋଡ଼ପିଠା ଚିତଉ ପଲମ
ଚୁଲିଜାଳ ନିଆଁ ତାତିର ସୁଆଦ ଆଜି ।
ନାହିଁ ସେ ସକାଳ ଖେଳବୁଲ ମଜା
ପିଲାଦିନ ସାଙ୍ଗ ସବୁସୁଖ ଯାଏ ହଜି ॥ ୨୪୧
ଅଭାବ ଦୁଖରେ ମନ ଊଣା ଲାଗେ
ନାହିଁନାହିଁ ବୋଲି ଦାରିଦ୍ର୍ୟ ତାଡ଼ନା ସହି ।
ଦୁଇବେଳା ଖାଇ ଜୀବନେ ଆନନ୍ଦ
ଶାନ୍ତିର ନିଶ୍ୱାସ ଅମୃତ ସନ୍ତୋଷ କହି ॥ ୨୪୨
ଆଜି ଅଛି ଟଙ୍କା ଖାଇବାକୁ କେତେ
ହେଲେ ନାହିଁ ସୁଖ ନାହିଁ ସେ ସରସ ଦିନ ।
ଏକାନ୍ତ ନିସଙ୍ଗ ଇର୍ଷା ଜ୍ୱଳା ସ୍ୱାର୍ଥ
ଅଭିମାନୀ ମନ ପୋଡ଼ି କି ହୁଏ ଉଛନ୍ନ ॥ ୨୪୩
ନାହିଁ ସେ ବରଷା ମେଘ ଗରଜନ
କାଠୁଆ ଜାଡ଼ର ହାଡ଼ଥରା କମ୍ପଶୀତ ।

ନାହିଁ ନିଆଁପୁଆଁ ଶୀତୁଆ ସକାଳ

ଖରାପୁଆଁ ସୁଖ ଆନନ୍ଦ ଲହରୀ ଗୀତ ॥ ୨୪୪

ନାହିଁ ନଈତୁଠ ସକାଳ ସ୍ନାହାନ

ଶୀତକୁ ନ ଡରି କୁଦା ମାରିବାକୁ ଜଳେ ।

ପାଣି ଛାଇ ଦେଖି କଅଁଳ ଖରାରେ

ଓଦା ବାଲି ସୁଅ ମୁହଁ ଦିଶିଯାଏ ବଳେ ॥ ୨୪୫

ନାହିଁ ସେ ଆନନ୍ଦ ଅମରି ବାଡ଼ିରେ

ଛକିଛକି ଧୀରେ ବାଲିଗରଡ଼ା କୁ ଧରି ।

ଖାଡ଼ି ଖିଅଜାଲ ବାଲିମଳା କରି

ପାଣିରେ ବୁଡ଼ିକି କି'ଖଞ୍ଜାରେ ମାଛଧରେ ॥ ୨୪୬

ନାହିଁ ସେ ନିଶୁନ ଖରାବେଳ ତାତି

ଝଞ୍ଜା ପବନରେ ମୁହଁପୋଡ଼ା ଅନୁଭବ ।

ଡଗଡଗ ହୋଇ ଖାଲିପାଦେ ଧାଇଁ

ଗଛଛାଇ ଦେଖି ଠିଆହେବା ସୁଖ ଭାବ ॥ ୨୪୭

ନାହିଁ ସେ ବିଭୋର ଜହ୍ନରାତି ତାରା

ଆମ୍ବତୋଟା ଜଗା ଲଣ୍ଠନ ଖଟିଆ ଶୁଆ ।

ନାହିଁ ଜୀବନରେ ମଧୁଛୁଆଁ ହସ

ଆନନ୍ଦ ଲହରୀ ବାହାଘର ଭୋଜି ଖିଆ ॥ ୨୪୮



ନାହିଁ ଝଟିମାଟି ଘଳଘର ଚିତା

ମାଣବସା ସଜ ଛେନାମଣ୍ଡା ଗେଣ୍ଡୁ ଫୁଲ ।

ନାହିଁ ସେ ଗୋଧୂଳି ଲାଲିମା ଆକାଶ

ଛାଇ ଲେଉଟାଣି ଛେଳିମେଣ୍ଢା ଗାଈପଲ ॥ ୨୪୯

ଶୀତୁଆ ସକାଳେ ଗାଁ ଗଉଡୁଣୀ

ସଜଦହି ବିକେ ଆହା କି ସୁଆଦ ଲାଗେ ।

ସଜ ଦହିଭାତ ଅମୃତ ଲହୁଣି

ମହମହ ବାସ ମନ ମତୁଆଲା ଲାଗେ ॥ ୨୫୦

ନାହିଁ ମାମୁଁଘର ମାଛ ମାଲପୁଆ

ଭାରି ସୁଆଦିଆ ମୁଗଡାଲି ଘିଅଭାତ ।

ବୋଉ ସାଥେ ଗାଁ ଦାଣ୍ଡେ ବୁଲୁଥିଲେ

କାଂଚି ପୁଅ ଶୁଣି କରୁଥାଏ ଦଣ୍ଡବତ ॥ ୨୫୧

ନାହିଁ ସାନବାପା ଆଦର ସରାଗ

ଯାତରା ଦେଖାଇ ଖୋଇଦେବେ ରସଗୋଲା ।

ଖାଳେଇ ଖାଳେଇ ମାଛଧରି ଆଣି

ଦେଖାଇବେ ମୋତେ ଖୁସିର ଦିନ କି ଗଲା ॥ ୨୫୨

ନାହିଁ ସେ ମଉକା ଭୋଗେଇ ବସାଇ

ଝାଙ୍ଗେଡ଼ି ଝଙ୍କାରେ ଚିଙ୍ଗୁଡ଼ି ଧରିବା ମଜା ।

ପାଠପଢ଼ି ସତ ବଡ଼ହେଲି ଜାଣେ
            ବଡ଼ଲୋକୀ ଭେକ ସରଳ ଜୀବନେ ସଜା ॥ ୨୫୩
ନାହିଁ ସେ ଆକାଶ ମେଘର ଅପେରା
            ମେଘରାଣୀ ରୂପ ଲାସ୍ୟମୟୀ ନୃତ୍ୟଗୀତ ।
ନାହିଁ ସେ ସୁନ୍ଦରୀ ରୂପା ଚନ୍ଦମୁହିଁ
            ଶରତ ନିଶୀଥ ଜୋଛନା ଉଛୁଳା ଚିତ ॥ ୨୫୪
ନାହିଁ ସେ ମାଟିର ମହକ ଛୁଟନ୍ତା
            ଫୁଲର ପାଖୁଡ଼ା ପାହାନ୍ତି ଫୁଟନ୍ତା କଢ଼ି ।
ନାହିଁ ସେ ଗାଁ ର ଘୋଡ଼ାନାଚ ଗୀତ
            ଚଇତି ପରବ କେତେ ଦାବି ଦିଅ ଶାଢ଼ୀ ॥ ୨୫୫
ନାହିଁ ସେ କାଳିଶି ଝାମୁ ନିଆଁ ନାଚ
            ମଙ୍ଗଳା ଙ୍କ ପୂଜା ସବୁ ମୁଁ ଭୁଲିଛି ସତ ।
ମା ଚିର ସାହା ଅଖଣ୍ଡ ଭରଷା
            ମହା ବିପଦରେ ହୋଇନାହିଁ ମଥାନତ ॥ ୨୫୬
ଆଖିରୁ ଝରୁଛି ପ୍ରୀତି ପୁଣ୍ୟ ଲୁହ
            ଆଜି ବି ଝୁରୁଛି ସ୍ମୃତି ପୁଣ୍ୟତୀର୍ଥ ଗାଁଆ ।
ଯେତେ ଦୂରେ ଥିଲେ ମନେପଡ଼େ ମୋର
            ସବୁଠାରୁ ପ୍ରିୟ ହୃଦୟର ମାଟି ମାଆ ॥ ୨୫୭



ନାହିଁ ସେ ଶରତ ବିଭବ ବସନ୍ତ
            ଚନ୍ଦିନୀ ଚର୍ଚ୍ଚିତ କୁମାରୀ ପ୍ରାଣର ପ୍ରୀତି ।
ନାହିଁ ସେ କୋଇଲି ଆମ୍ବତୋଟା ମାଳ
            ମିଠା କୁହୁତାନ ନିର୍ମଳ ହୃଦୟ ଗୀତି ॥ ୨୫୮
ନାହିଁ ସେ ଚନ୍ଦିନୀ ନନ୍ଦିନୀ ପ୍ରକୃତି
            ସୌଦାମିନୀ ମେଘ ସବିତା କବିତା ଗାନୀ ।
ନାହିଁ ସେ ଲାବଣ୍ୟ ନୀଳସ୍ୱର୍ଣ୍ଣ କାନ୍ତି
            ଶ୍ୟାମଳ ତନୁଶ୍ରୀ ମଧୁମଗ୍ନା ମାୟାବିନୀ ॥ ୨୫୯
ନାହିଁ ସେ ଆଖିରେ ପ୍ରୀତିର ସ୍ପନ୍ଦନ
            ସ୍ନେହ ସମ୍ମୋହନ ସରସ ଚାହାଣି ଲାଜ ।
ନାହିଁ ସେ ଆଦର ବେଭାର ଗୌରବ
            ସରଳ ହୃଦୟ ତାରୁଣ୍ୟ ଲାବଣ୍ୟ ତେଜ ॥ ୨୬୦
ନାହିଁ ସେ ହାତର ରୋମାଂଚ ପରଶ
            ଆଖିରେ ଜୋଛନା ମଧୁସ୍ୱର ଓଠ ଧାରେ ।
ନାହିଁ ସେ ସୁଷମା ଲାଳିତ୍ୟ କୋଣାର୍କ
            ଲାବଣ୍ୟ ମହିମା ମେଘମାଟି ମନଝୁରେ ॥ ୨୬୧
ନାହିଁ ସେ ଶ୍ରମିକ ଶିଳ୍ପ କାରଖାନା
            ପୁଙ୍ଗା ଶୁଭୁନି ଚଉଦ୍ୱାର ମରେ ଝୁରି ।

ନାହିଁ ସେ ନେତାଙ୍କ ବଜ୍ର ଆହ୍ୱାନ
    ରକ୍ତ ଶପଥ ଗୁରୁ ଗର୍ଜନ କରି ॥ ୨୬୨
ନାହିଁ ସାମ୍ୟବାଦ କମ୍ୟୁନିଷ୍ଟ କ୍ରାନ୍ତି
    ଲାଲ୍ ସଲାମ୍ ଲଢ଼େଇ କରିବା ଲାଗି ।
ଶୋଷଣ କଷଣ ହଟିବ ଅଚିରେ
    ପୁଞ୍ଜିବାଦର କବର ଖୋଳିବା ଲାଗି ॥ ୨୬୩
ନାହିଁ ବୁଢ଼ାଲିଙ୍ଗ ଗହଳି ଚହଳି
    ଦୋକାନ ବଜାର ଶୁନ୍‌ଶାନ ଖାଁ ଖାଁ ।
ମହାବାତ୍ୟା ର କରାଳ ଗ୍ରାସରେ
    କଳା ଅନ୍ଧାର ଘୋଟିଗଲା କାଳ ଆଁ ॥ ୨୬୪
ଲୁହ ଝରେଇଲେ ଭୋକ ଉପାସରେ
    ଶ୍ରମିକ ସମାଜ ମରି ହଜିଗଲେ କେତେ ।
ହାଏ ରେ ବିଧାତା ଦେଖିଲା ଏ ଦୁଃଖ
    ଏତେ ବଡ଼ ଦେଶେ ସରକାର ଥାଇ ଏତେ ?॥ ୨୬୫
ଲିଭିଛି ଆଖିରୁ ଜୋଛନା ସପନ
    ଅଧରୁ ଲିଭିଛି ସବୁଜ କ୍ଷେତର ହସ ।
ଲିଭିଛି ପ୍ରାଣର ତପବଳ ତେଜ
    ଘୋର ତିମିର ରେ ଉଆଁସୀ କନିଆ  ରୋଷ ॥ ୨୬୬



ଶ୍ମଶାନ ପାଲଟି ଓଟିଏମ୍ ଦିଶେ
    ହାହାକାରମୟ ଆଖି ଲୁହ ନିଆଁ ନୀଳ ।
କୁସୁମ କୋମଳ ଜୀବନ ଜଳୁଛି
    ସଂଚରି ଯାଏ ଲେଲିହାନ ହଳାହଳ ॥ ୨୬୭
ଝୁରୁଛି ବିରୂପା ଅଶ୍ରୁ ଝରାଇ
    ସୁଷମା ହରାଇ ମହାନଦୀ ଦିଶେ ମ୍ଳାନ ।
ଚୌଦ୍ୱାର ମାଟିର ଗର୍ବ ଗୌରବ
    ମାଟିରେ ମିଶିଛି କରୁଣ ଅଶ୍ରୁଳ ମନ ॥ ୨୬୮
କୁମାରୀ ଆଖିର ନିଆଁ ପାଉଁଶ ଏ
    ଶିଳ୍ପ ନଗରୀ ନିଷ୍ଠେ କାଳ ଅଭିଶାପ ।
ଅଷ୍ଟଶମ୍ଭୁ ଥାଉ ଏତେ କାଣ୍ଡ ଦଣ୍ଡ
    ଦାରୁଣ ବିଧାତା କରିଥିଲୁ କେଉଁ ପାପ ?॥ ୨୬୯
ସ୍ୱପ୍ନ ସାଉଁଟା ସୁନାର ସକାଳ
    ବିଭୋର ଯୌବନ ଯାଇଛି ତା କୋଳେ ହଜି ।
ହେ ମେଘ ତୁମେ ଦିବ୍ୟଦର୍ଶୀ ଜ୍ଞାନୀ
    ଛାଡ଼ି ଯାଅ ନାହିଁ ଆଣିଦିଅ ମୋତେ ଖୋଜି ॥ ୨୭୦

---

# ମେଘରତ୍ନ -୨

## ମେଘ ପ୍ରିୟା

ହେ ମେଘ ତୁମେ ପ୍ରୀତିଲଗ୍ନା ମୋର
　　ପ୍ରୀତିଲଗ୍ନା ହୃଦ ପ୍ରିୟବର ପ୍ରିୟଦର୍ଶୀ ।
ତୁମ ସ୍ପର୍ଶଲଭି ଭିଜୁଥିବୁ ଆମେ
　　ଯାଅ ଆନନ୍ଦରେ ସୁଧା ବାରିବିନ୍ଦୁ ବର୍ଷୀ ॥ ୧
ଯେତେ ଦୂରେ ଥିଲେ ପ୍ରୀତି ମିଳନରେ
　　ମଜ୍ଜିଥିବୁ ଆମେ ତୁମ ପୁଣ୍ୟପ୍ରୀତି ଲଭି ।
ବିରହ ଯାତନା ଅଶ୍ରୁ ଅନଳ
　　ଶୀତଳ ଚନ୍ଦନ ପରଶେ ଯାଇଛି ଲିଭି ॥ ୨
ମହମହ ମିଠା ମଧୁମୟ ମେଘ
　　ସୁଧାମୟ ମେଘ କସ୍ତୁରୀ ଚନ୍ଦନ ପ୍ରୀତି ।
ନାଚୁଥାଏ ମନ ଆନନ୍ଦ ଉଲ୍ଲାସେ
　　ପ୍ରସନ୍ନ ଉଚ୍ଛନ୍ନ ଗାଇକି ମିଳନ ଗୀତି ॥ ୩
ଗୀତିମୁଗ୍ଧ ପ୍ରାଣ ପ୍ରୀତିମୁଗ୍ଧ ହୃଦ
　　ପ୍ରୀତି ମହାକାବ୍ୟ ମେଘର ମହିମା ଲାଗି ।
କୃଷ୍ଣ ନୀଳ ଶୁଭ୍ର ତ୍ରିବେଣୀ ସୁଷମା
　　ଇନ୍ଦ୍ରଧନୁ ରଙ୍ଗ ଐଶ୍ୱର୍ଯ୍ୟ ବିଭୋର କବି ॥ ୪
ଚାହିଁଥିବ ସଖୀ ପ୍ରୀତିମଗ୍ନ ହୋଇ
　　ମେଘମଣ୍ଡଳକୁ କୃଷ୍ଣଗଭା ଧୀରେ ଖୋଲି ।
ଧାରଧାର ବର୍ଷା ଧାରା କି ବିଭୋର
　　ଚୁମ୍ବୁଥିବ ମୁଖ ଚନ୍ଦ୍ରମା ଚତୁରେ ବୁଲି ॥ ୫
ମେଚକ(ମେଘ)ନୟନ ପୀନ ପୟୋଧର(କୁଚ)
　　ସ୍ୱୟମ୍ଭୂ ସୁନ୍ଦର ମଣ୍ଡାଛତୁ ମଖମଲି ।
ସ୍ନେହ ସରାଗରେ ନାକଧରି ଧୀରେ
　　ଚିପିଦେଲେ ତା'ର କହୁଥିବ ଲାଜେ'ମଲି' ॥ ୬
କେତେ ଆଦରରେ ତୋଳିଧରି କରେ
　　କହୁଥିବ ଯେବେ ଆଣିଛ ମୋ ପାଇଁ କିସ ?।
କୋଟିନିଧି ପାଇ ହସୁଥିବ କେତେ
　　ସାନନ୍ଦ ସରାଳି ଜାଣି 'ପ୍ରୀତିହୃଦ ଦାସ' ॥ ୭
ଶ୍ୟାମଳ ତନୁଶ୍ରୀ ସ୍ୱର୍ଣ୍ଣମୟୀ କାନ୍ତି
　　ପୁଷ୍ପିତ ଯୌବନ ମଳୟ ଫଗୁଣ ମେଘ ।
ମେଘରତ୍ନ ରୂପ ବିଭବ ଐଶ୍ୱର୍ଯ୍ୟ
　　କାବ୍ୟ ସୁଧାପାନ କାଳିଦାସ କବିମାଘ ॥ ୮
କର୍ମ ବାମ ଲାଗି ଯେତକ ଯାତନା
　　ଭୋଗିଲା ନୀରବେ ଲେଖିଥିଲା ଯାହା ବିହି ।
ଦୁଃଖମଣୀ ଜାଣି ହୃଦୟ ଅପାର
　　ଦୟା କରୁଣାରେ ଧନ୍ୟ ଦେବବାଳା ସେହି ॥ ୯

ସ୍ୱାତୀପଦ୍ମା ମୁଖ ମେଘକାବ୍ୟ ଯଶ
ଶୋଭା ଶୁଭା ବିଭା ଚନ୍ଦ୍ରଜ୍ୟୋସ୍ନା ସ୍ୱସ୍ତି ଲେଖେ ।
ଲାବଣ୍ୟ ଉଜ୍ଜ୍ୱଳ ପ୍ରୀତ ପୁଲକିତ
ଶୃଙ୍ଗୀ ଶୃଙ୍ଗ ପରି ଚାହିଁଥିବ ସ୍ୱର୍ଗସୁଖେ ॥ ୧୦
ତା'ର ବଡପଣ ଦୟାମାୟା ପ୍ରୀତି
ସ୍ନେହ ସରାଗକୁ ମଣିଛି ମୁଁ ମହାଭାଗ୍ୟ ।
ଏଇ ଜନମରେ ପ୍ରୀତି ସାଧନାରେ
ସିଦ୍ଧିଲାଗି ବିଧି କରିଥିଲା ମତେ ଯୋଗ୍ୟ ॥ ୧୧

## ମେଘ ତୀର୍ଥସ୍ନାନ

ମଉସୁମୀ ମେଘ ଆଷାଢ଼ କଦମ୍ବ
ଫୁଲପରି ଫୁଟି ରାମେଶ୍ୱର ପାଦ ପୂଜି ।
ଦେବଭୂମି ଦିବ୍ୟ କରୁଣା ଆଶିଷ
ଲଭି ଆସୁଥାଏ ଅମୃତ ବରଷା ସୃଜି ॥ ୧୨
ମହୋଦଧି କୂଳେ ଶ୍ରୀକ୍ଷେତ୍ର ମହିମା
ମହାପୁଣ୍ୟ ଲାଗି ମହାପ୍ରଭୁ କୃପାସିନ୍ଧୁ ।
ତାଙ୍କ ପାଦପଦ୍ମ ପୂଜାରେ ଆନନ୍ଦ
ମେଘ ମହୋତ୍ସବ ଜଳଜୀବ ବିଶ୍ୱବନ୍ଧୁ ॥ ୧୩
ପୁଣ୍ୟ ଦୟାନଦୀ ମହାନଦୀ ତୀରେ
ପ୍ରାଚୀ କୁଶଭଦ୍ରା ପ୍ରୀତିପୁଣ୍ୟ ସ୍ପର୍ଶ ଲଭି ।
ବରଷେ ହରଷେ ଐଶ୍ୱର୍ଯ୍ୟ ପରଶେ
ଧରା ବନ ଗିରି ଆନନ୍ଦ କଲ୍ଲୋଳ କବି ॥ ୧୪
କୃଷ୍ଣା କାବେରୀ ଗଙ୍ଗା ଗୋଦାବରୀ
କପିଳେନ୍ଦ୍ର କୀର୍ତ୍ତି ପୁଣ୍ୟ ଗାଥା ସ୍ମରି ହୃଦେ ।
ମଞ୍ଜୁଳ ମୋହନ ନୀଳକୃଷ୍ଣ ମେଘ
ଲୋଟିକି ନାଚନ୍ତି ଉତ୍କଳ ଜନନୀ ପାଦେ ॥ ୧୫
ମୁକ୍ତାମାଳି କାନ୍ତି ଶୁଭ୍ର ବାରିବିନ୍ଦୁ
ଉଜ୍ଜ୍ୱଳ କୋମଳ ଲାବଣ୍ୟ ଉଚ୍ଛୁଳା ତନୁ ।
କରୁଣା ଧାରାକି ଝରିଝରି ପଡେ
ଝରଝର ହୋଇ ରଙ୍ଗଲତା ଇନ୍ଦ୍ରଧନୁ ॥ ୧୬
ପଣସ ପୋଲାଙ୍ଗ ଗୁଆ ନାରିକେଳ
ଆମ୍ବତୋଟା ଦେଖି ମନ୍ତ୍ରମୁଗ୍ଧ ମେଘମାଳା ।
ଲାବଣ୍ୟ ଭୂଷଣେ ଉତ୍କଳ କମଳା
ଗ୍ରାମବଧୂ ମେଳେ ସୁରମ୍ୟ କିଶୋରୀ ବାଳା ॥ ୧୭
ଓଦାମାଟି ଚୁମ୍ବେ ପାଦର ଅଳତା
ପଣତ ଉହାଡେ ଉଙ୍କିମାରେ ମଧୁହସ ।
ପାଉଁଜି କଙ୍କଣ ଶଙ୍ଖାଚୁଡି ହାତେ
ବନ୍ଦନା କରେ ତା'ର ଶୋଭା ପ୍ରୀତି ଯଶ ॥ ୧୮
ସରଳ ତରଳ ନିର୍ମଳ ନୀଳିମ
ପଦ୍ମନୀଳ ହୃଦ ସେବାପଣେ ସମର୍ପିତ ।
ସାରା ଜୀବନଟା ସ୍ନେହ ମମତାର
ଐଶ୍ୱର୍ଯ୍ୟ ସୁଧାରେ ପ୍ରୀତିସିକ୍ତ ଅଭିଷିକ୍ତ ॥ ୧୯

କୁମାରୀ ବଦନେ ସୁନାଚାନ୍ଦ ଖେଳେ
ରୂପାଚାନ୍ଦ ହସେ ସରସ ପ୍ରୀତିରେ ସଦା ।
ନୀଳକଇଁ ପରି ହସି ଖେଳୁଥାଏ
ଫୁଟି ବାସୁଥାଏ ଓଠତଳେ କୁଚ ଓଦା ॥ ୨୦
କୁମାରୀ ପ୍ରାଣରେ କେତେଯେ କାମନା
ଗ୍ରାମପଥ ଗାଏ ପଦ୍ମାବତୀ ପ୍ରିୟମ୍ବଦା ।
ସଂସାର ସାଧନା ଲାଗି ହାତଧରି
ନେବେ ପ୍ରିୟତମ କରି ଆପଣାର ସଦା ॥ ୨୧
ଦୂବ ଚାଉଳରେ ମଙ୍ଗଳ ଲୁହରେ
ପାଟ ପଣତରେ ନବବଧୂ ବେଶ ହୋଇ ।
ଆଖିରେ ଆଖିରେ ଅଶ୍ରୁ ଛୁଟାଇ
ବିଦା ହୋଇଯିବ ଜହ୍ନରେ ବିଜୁଳି ହୋଇ ॥ ୨୨
ବରଷାରେ ଭିଜି ଗ୍ରାମବଧୂ ବାସେ
ଗ୍ରାମଦାଣ୍ଡ ଧୂଳି ଅଳତା ପାଉଁଜି ହସେ ।
ବିଗତ ରାତିର ରତି କ୍ଳାନ୍ତି ହରି
ହରଷ ବଦନେ ଲାଜପ୍ରୀତି ମଧୁ ରସେ ॥ ୨୩
ସଜଫୁଲ ପରି ବାସେ ମହମହ
ସୁନାଗୋରା ତନୁ ମେଘ ମିଶା ଲାଜହସ ।
ପ୍ରୀତିର ମହକ ପୁଲକ ସପନ
ଝରାଇ ଯାଏ କି ବରଷେ ଅମୃତ ରସ ॥ ୨୪
ଗ୍ରାମଦାଣ୍ଡ ଧୂଳି ଚୁମ୍ବି ପାଦପଦ୍ମ



ପୀୟୂଷ ନିର୍ଝର ପ୍ରୀତିର ମହିମା ଗାଏ ।
ଗ୍ରାମ ଦେବାଦେବୀ ଆଶିଷ ଢାଳନ୍ତି
ଅହି ସୁଲକ୍ଷଣୀ ହେଉ ଯୁଗଯୁଗ ଯାଏ ॥ ୨୫
କା ି ରାଜା ହାରି ଚଣ୍ଡାଳ ହାତରେ
ଦେଲା ରାଜଜେମା ଗୁଣ୍ଡିଚା ରଥରେ ବସି ।
ପୁରୁଷୋ ମ ଗଜପତି ଭାଗ୍ୟ
ବିଧାତା ଲେଖିଲା ଆକାଶୁ କୁସୁମ ଖସି ॥ ୨୬
ବୀର ପାଇକର ଗୁଣକୀ ି ସ୍ମରି
ହମ୍ବୀରଦେବଙ୍କ ପଶିଲା ମାନସେ ଚେତା ।
ଉତ୍କଳ ଜନନୀ ବୀରପୁତ୍ର ବୋଲି
ଅଜୟ କଳିଙ୍ଗ ହୋଇଛି ଜଗତ ଜିତା ॥ ୨୭
ବାହମନୀ କା ି ପଠାଣଙ୍କ ମେଳି
କ୍ଷମତା ଲୋଭକୁ ଦେଇ କ୍ଷଣେ ଜଳାଞ୍ଜଳି ।
ଗଜପତି ମାନ ମହାପ୍ରଭୁ କୀ ି
ସ୍ମରିକି ଧରିଲା କରବାଳ ମହାବଳି ॥ ୨୮
କଳାଧଳା ଘୋଡା ଚଢି ଜଗନ୍ନାଥ
ଭାଇ ବଳଭଦ୍ର ଲଢୁଥିଲେ ମହାରଣେ ।
ବହୁ ରଣଜୟୀ ବୀରଗତି ଲଭି
ଅମର ହୋଇଲା ଅରିହନ୍ତା ସାଜି ରଣେ ॥ ୨୯
ମହାକଳିଙ୍ଗର ମହାବୀର ହୋଇ
କାଳକାଳ ଲାଗି ରଚିଗଲା କୀ ି ଯଶ ।

ଓଡିଆ ଜାତିର ମଉଡମଣି ସେ
କପିଳେନ୍ଦ୍ର ଭାଗ୍ୟ ଘୋଷେ ଆଜି ନନ୍ଦିଘୋଷ ॥ ୩୦
ଉତ୍କଳ କମଳା ଲାବଣ୍ୟ ମେଖଳା
ନଦୀ ହ୍ରଦ ଦୁର୍ଗ ଚୁମ୍ବି ବାରବାଟୀ ମାଟି ।
ଗିରିନ୍ଦ୍ର ମହେନ୍ଦ୍ର ଗୁପ୍ତେଶ୍ୱର ପୀଠେ
ପୂଜାର୍ଚ୍ଚନା କରି ମେଘମାଳା ଯାଏ ଘୋଟି ॥ ୩୧
କପିଳାସ ଗିରି ବିଳାସ କୈଳାସ
ଚନ୍ଦ୍ରଶେଖରଙ୍କ ମୁଖଚନ୍ଦ୍ର ଚୂଡାମଣି ।
ପଥେପଥେ ପୂଜି ଦେବାଦେବୀ କେତେ
ମଙ୍ଗଳ ମନାସୀ ଭାସିଯାଏ ମେଘମଣି ॥ ୩୨
ଆଖଣ୍ଡଳମଣି ପ  ଲିଙ୍ଗେଶ୍ୱର
ହରିଶଙ୍କର ସୋନପୁର ସ୍ୱର୍ଣ୍ଣଗିରି ।
ଗୋନାସିକା ପୀଠେ ଆଦିବ୍ରହ୍ମଲିଙ୍ଗ
ବରଦାନ ଲଭି ମହାନନ୍ଦେ ଯାଏ ଝରି ॥ ୩୩
ପ୍ରଭୁ ବୈଦ୍ୟନାଥ କେଦାରନାଥଙ୍କ
ଜଳାଭିଷେକରେ ମେଘପୁଣ୍ୟ ଧରା ଧନ୍ୟ ।
କୈଳାସ ଶିଖରେ ମାନସରୋବରେ
ଚିଦାକାଶ ଚି  ତୀର୍ଥମଣି ମହାସ୍ନାନ ॥ ୩୪

## ମେଘ ଶୃଙ୍ଗାର

ଚନ୍ଦ୍ରହାସ(ରୂପା)ମେଘ ଚନ୍ଦ୍ରାତପ ପରି
ନାନା ନୃତ୍ୟଛନ୍ଦେ ରଙ୍ଗ ଅଭିସାରେ ମାତି ।
ମହାବିଶ୍ୱର ମଙ୍ଗଳ ଯାଚନା
ଜାହ୍ନବୀ ପରଶ ପ୍ରଣୟ ଉଚ୍ଛଳ ପ୍ରୀତି ॥ ୩୫
କାମବାଣ ଧରି ବର୍ଷେ କାମପୁଷ୍ପ
ଦର୍ପକ(କନ୍ଦର୍ପ) ଦର୍ପ କି ଶୃଙ୍ଗାର ପର୍ବରେ ମାତି ।
ପଶୁପକ୍ଷୀ ପ୍ରାଣୀ ପ୍ରାଣକୁ ବିଦୀର୍ଣ୍ଣ
କରୁଥାନ୍ତି ଜାଣି ମଙ୍ଗଳ ଅଭିପ୍ସା ପ୍ରୀତି ॥ ୩୬
ମହାମିଳନର ସଙ୍ଗୀତ ଗାଇ
ସମ୍ଭୋଗରତ କାମପୁଷ୍ପ କୃପା ବାରି ।
ମିଳନ ମୁଦ୍ରାରେ ପ୍ରଣୟ ପ୍ରଣୟୀ
ଚୁମ୍ବନ୍ତେ ବଦନ କ୍ଷିରାବ୍ଧି ଚନ୍ଦ୍ରମା ପରି ॥ ୩୭
ରତିକ୍ରୀଡା ରତ ତୃପ୍ତ ତନୁତୀର୍ଥେ
ମାଂସର ଭୂଗୋଳ କୋଣ ଅନୁକୋଣ ଖେଦି ।
ଗିରିବନ ଗୁହା କୃଷ୍ଣଶ୍ୟାମ ହେମ
ନିର୍ଝରିଣୀ କୋଳେ ପ୍ରୀତି ରହସ୍ୟକୁ ଭେଦି ॥ ୩୮
ମଲ୍ଲଯୋଦ୍ଧା ପରି ଝୁ ଝୁ ଥାନ୍ତି ଦୁହେଁ
ଭିଡିଧରି କଷି ତନୁଲତା ପୁଷ୍ପଫଳ ।
କନକ କାମନା ସ୍ୱର୍ଣ୍ଣ ଦୀପାବଳି
ସ୍ୱର୍ଣ୍ଣଶ୍ରୀ ଐଶ୍ୱର୍ଯ୍ୟ ସୁଧାପାନେ ଢଳଢଳ ॥ ୩୯
ମିଳନ ରାସରେ ମଳୟ ମହ୍ଲାର
ମେଘ ବର୍ଣ୍ଣବିଭା ସୃଜନ ମହିମା ସ୍ୱର୍ଗ ।
ମାଂସଳ ମେଦୁର ସରସ ଶୃଙ୍ଗାର

ଦେବଶିଶୁ ଲାଗି ଧରାବତରଣ ମାର୍ଗ ॥ ୪୦
ମେଘମାଟି ମିଠା ମନହୃଦ ମିଠା
ମିଠାମିଠା ପ୍ରାଣୀ କାମନା କମ୍ପିତ ପ୍ରାଣ ।
ସମ୍ଭୋଗ ଋତୁଏ ଶୃଙ୍ଗାର ପର୍ବ ଏ
ଘନରସ ସୁଧା ପାନେ ପୀଡା ପରିତ୍ରାଣ ॥ ୪୧

## ମେଘ ପ୍ରଣୟ

ଲାବଣ୍ୟପଖଳା ଚାରୁ ଅଙ୍ଗଶୋଭା
ଫୁଟି ଦିଶୁଛିକି ହିରଣ୍ମୟ ଉଷାର ଛବି ।
କନକ କଦମ୍ବ କନକିତ କୁଚ
ଯୁଗଳ ଭୂଗୋଳ ସ୍ୱର୍ଣ୍ଣପ୍ରଭା ରୂପ ରବି ॥ ୪୨
ସ୍ୱର୍ଣ୍ଣଚମ୍ପା ଦୁଇ ଫୁଟିଛି ତନୁରେ
ତନ୍ଦ୍ରାଭୂତ କରି ସୃଜନ ବନ୍ଦିତ ବିଧି ।
ସ୍ୱର୍ଗ ଐଶ୍ୱର୍ଯ୍ୟକୁ ସାଇତିଛି ଅବା
କୋମଳ ମାଂସଳ ଚନ୍ଦ୍ରକାନ୍ତି ଶୋଭାନିଧି ॥ ୪୩
ଝରିଝରି ପଡେ ରୂପର ଝରଣା
ଆଖିରେ ଓଠରେ ଆନନ୍ଦ ଐଶ୍ୱର୍ଯ୍ୟ ଝରା ।
କୁହୁକିନୀ ସୁର ଗୀତ ମନଛୁଆଁ
ଛୁଇଁଛୁଇଁ ଯାଏ ଫଗୁଣ ବରଷା ଧାରା ॥ ୪୪
ଫୁଲ ଫୁଟିଯାଏ ରଙ୍ଗ ଛୁଟିଯାଏ
ମହକେ ସୁବାସ ପ୍ରୀତିର ମହିମା ଗାଇ ।
ମେଘ ମାଟି ମନ ଲାଗେ ବୃନ୍ଦାବନ
ଉ  ଳା ଯମୁନା କଦମ୍ବ ମୂଳକୁ ଚାହିଁ ॥ ୪୫
ତ୍ରିଭଙ୍ଗୀ ଠାଣିରେ ରସରାଜ କୃଷ୍ଣ
ରୂପସୀ ରାଧାକି ମୋହନ ବଂଶୀର ସୁରେ ।
ପ୍ରୀତି ଆହ୍ଲାଦିନୀ ସଙ୍ଗୀତ ମୂର୍ଚ୍ଛନା
ତୋଳିଛନ୍ତି ମିଳି ଢଳି ନୃତ୍ୟଛନ୍ଦେ ଧୀରେ ॥ ୪୬
ପ୍ରଣୟ ଉଚ୍ଛଳ ପ୍ରୀତିମୁଗ୍ଧ ପ୍ରାଣ
ଐଶ୍ୱର୍ଯ୍ୟ ମୁଖର ନୈସର୍ଗିକ ଅନୁଭବ ।
ନୀଳପଦ୍ମ ତନୁ କନକ ବଦନ
ଚନ୍ଦ୍ରଜ୍ୟୋସ୍ନା ହସ ମେଘଦେଖି ଝରୁଥିବ ॥ ୪୭
ଜଳକେଳି ଲାଗି କାଳନ୍ଦୀ(ଯମୁନା) ଜଳରେ
ମେଘକେଳି ଲାଗି କଳକଣ୍ଠ(ମୟୂର) ମେଲି ପୁଚ୍ଛ ।
ନୃତ୍ୟରାସମୟ ରୋମା ଆହ୍ଲାଦ
ଅପୂର୍ବ ମିଳନ ଦୃଶ୍ୟ ଶୁଭ୍ରନୀଳ ସ୍ୱଚ୍ଛ ॥ ୪୮
ନିଖିଳ ପ୍ରାଣର ଯେତେକ ବେଦନା
ବୁଝୁଥାଏ ବସି ମଗ୍ନ ମଉନ ହୋଇ ।
ନୟନ ବଦନ ବ୍ୟଥାରେ ବତୁରି
ଅଶ୍ରୁ ସଜଳ ହୋଇଥିବ ଧ୍ୟାନେ ଚାହିଁ ॥ ୪୯
ଦୁଃଖର ମହିମା ବୁଝିକି ନୀରବ
ମହକେ ଛାଟିକି ମଲ୍ଲିମୟ ପ୍ରୀତିସୁଖ ।
ଧନ୍ୟ ବିଧି ବୁଦ୍ଧି ଯାତନା ତାଡନା
ଲେଖିଥିଲା ତାର ପ୍ରୀତି ହୃଦୟର ଦୁଃଖ ॥ ୫୦

ପ୍ରୀତି ସାଧନାରେ ସିଦ୍ଧି ନ ଲଭିଣ
ମିଳନ ଆଶାରେ ଦିଅନାହିଁ ବିଧି ଦୋଷ ।
ଏଇ ଜନମରେ ଶେଷ ନୁହେଁ ପ୍ରେମ
ଦୟାକର ପ୍ରିୟ କ୍ଷମାକର ଭୁଲି ରୋଷ ॥ ୫୧
ସାରା ଜୀବନଟା ଜଳିବାକୁ ଯଦି
ଘୃତଦୀପ ପରି ତୁଳସୀ ଚଉରା ମୂଳେ ।
ଦି'ଟୋପା ଲୁହରେ ନୀଳଚକ୍ର ନେତ
ନୀଳାଚଳ ନାଥ ପ୍ରୀତିସୁଖ ପାଦତଳେ ॥ ୫୨
ପ୍ରୀତିରେ ପ୍ରୀତିରେ ପ୍ରୀତି ମହିମାରେ
ପ୍ରୀତିଲଗ୍ନା ତୁମ' ମହକୁଚି ଚିରକାଳ ।
ଶୁଭ୍ର ଆଲୋକିତ ଆକାଶଗଙ୍ଗାରେ
ମେଘକୋଳେ ମିଶି ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ ନୀଳ ॥ ୫୩
ଝୁରୁଥିବ ମତେ ଧାରାଶ୍ରାବଣ ରେ
ଶରତ ଆକାଶେ ମଲ୍ଲିଫୁଲ ମେଘମାନେ ।
ଉଚ୍ଛୁଳୁଥିବି ମୁଁ ବାହୁ ବନ୍ଧନୀରେ
ଧରାଦେଇ ଧରି ଅମୃତ କଳସ କୋଳେ ॥ ୫୪
ନୀଳକୃଷ୍ଣ ନୀଳ ତମାଳ ନୀଳିମ
ନୀଳମେଘ ନୀଳ ଇନ୍ଦୀବର ରୂପଯଶ ।
ମୋ ତନୁ ଗଙ୍ଗୋତ୍ରୀ ପୁଣ୍ୟପ୍ରୀତି ଲଭି
ଯଶସ୍ୱାନ ହୁଏ ଘେନ ହୃଦ ଅଭିଳାଷ ॥ ୫୫
ଜହ୍ନ ହସୁଥିଲେ ମେଘ ଭାସୁଥିଲେ
ମତେ ଦେଖୁଥିବ ଧରିଥିବି ତୁମ ହାତ ।
ମହାପ୍ରୀତି ଭାବେ ଚହଲି ଚହଲି
ନାକ ଚିପି ମୋର ଗାଉଥିବ ପ୍ରୀତିଗୀତ ॥ ୫୬
ତୁମେ ଚାହିଁଦେଲେ ମେଘ ହୋଇଯିବି
ଜହ୍ନ ହୋଇଯିବି ମୟୂରୀ ମୁଁ ତୁମ ହୃଦୟର ।
ମହାକାଳ ମତେ ପାରିନାହିଁ ପ୍ରିୟ
ମରଣ ଜିଣିଛି ଜାଣି ପ୍ରୀତି ଅଭୟର ॥ ୫୭
ବସୁନ୍ଧରା ଦୁଃଖେ ବୁଝି ଜନମିଛି
ଚିର ଦୁଃଖିନୀର ଗଣ୍ଠିଧନ ବୋଲି ତୁମେ ।
ନୟନତାରା ମୋ ହୃଦୟ ଚନ୍ଦ୍ରମା
ମେଘ ରତ୍ନମଣି ବରଷା ରାତିରେ ଚୁମେ ॥ ୫୮
ମତେ ଖୋଜୁଥିବ ମେଘରେ ମେଘରେ
ମୁଁ ଖୋଜୁଥିବି ଜହ୍ନରେ କମଳା ହୋଇ ।
ତୋଳିନେବ ମତେ ଝଡାଇ ଛଡାଇ
ଚାପିଧରି ହାତେ ଚାହୁଁଥିବ ଛୁଇଁଛୁଇଁ ॥ ୫୯
ଆଚମ୍ବିତ ଲାଗେ ଅସମ୍ଭବ ଲାଗେ
ଏମିତି ପ୍ରୀତି ଏ ସୃଜିଲା ବିଧାତା କାହିଁ ?।
ବେଳ ଅବେଳରେ ତୁମକୁ ଦେଖିଲେ
ହାତଧରି କହେ 'ଏଇ ଜନମରେ ନାହିଁ ॥ ୬୦
ମାୟା ବନ୍ଧନରେ ଦୁଃଖର ସାଧନା

ନକରି ମଣିଷ ସୁଖକୁ ଖୋଜଇ ମରି ।
କବି ହୃଦୟରେ ଦୁଃଖକୁ ସାଉଁଟି
ପ୍ରୀତି ମୁକ୍ତାମଣି ସୃଜେ କେତେ ଯତ୍ନକରି ॥ ୬୧
କବିପ୍ରିୟା କବି ମହାକାବ୍ୟ ସ୍ୱର
ସଙ୍ଗୀତ ଝଙ୍କାର ଶୁଣି ମେଘଯାଏ ଲୋଟି ।
ଧରିତ୍ରୀ ବଦନୁ ସନ୍ତାପ(ବିଷାଦ)ହରି କି
ଆନନ୍ଦ ଝରାଏ ମତୁଆଲା ହୁଏ ମାଟି ॥ ୬୨
ମହାସାକ୍ଷୀ ମିହ(ମେଘ) ପ୍ରଣୟ ପ୍ରୀତିର
ଆନନ୍ଦ ଅଶ୍ରୁର ଜୀବନ ଜାହ୍ନବୀ କବି ।
ମାନବ ପ୍ରାଣର ଦୁଃଖସୁଖ ସବୁ
ସାଇତିଛି କୋଳେ କରି କେତେ ଚିତ୍ରଛବି ॥ ୬୩
ସବୁ ଦେଖୁଥାଏ ସବୁ ଶୁଣୁଥାଏ
ସବୁରି ପ୍ରାଣରେ ଆଶାର ସ ।ର କରି ।
ଭାସିଭାସି ଯାଏ ଭରଷା ଦେଇ କି
ସବୁ ବୁଝିଦେବ ସଅଳ ଆସିବ ଫେରି ॥ ୬୪

## ମେଘ ସୃଜନ

ସାରା ସଂସାର ର ମଙ୍ଗଳ ଆଶାରେ
ସୃଜଇ ବରଷା ବଜ୍ର ବିଜୁଳି ମାରି ।
ଜଟାଜୁଟ ଧାରୀ ମହା ତପସ୍ୱୀ ଏ
ସାଧନା ମଗ୍ନ ଘୋଷେ ଓଁ ହରି ଓଁ ହରି ॥ ୬୫
ବିଶ୍ୱ ପ୍ରକୃତିର ସକଳ ରୂପକୁ
ବସି ଆଙ୍କୁଥାଏ ମହା ଚିତ୍ରକର ହୋଇ ।
ମହା ନାଟ୍ୟଶାଳା ଭବଲୋକ(ସଂସାର) ହାଟ
ମାୟାର ମହିମା ଦେଖୁଥାଏ ମୌନହୋଇ ॥ ୬୬
କାମକ୍ରୋଧ ଲୋଭ ମୋହମାୟା ଲାଗି
କେତେ କୋଳାହଳ ଶୁଣୁଥାଏ ଦିବାରାତି ।
ମଣ୍ଡୂକ ମତଙ୍ଗ(ମେଘ) ମଙ୍ଗଳ ନିନାଦ
ଭୂର୍ଲୋକ ଭରସା ମାଙ୍ଗଳିକ ମଧୁପ୍ରୀତି ॥ ୬୭
ତେଜୋମୟ ସୂର୍ଯ୍ୟ ଯଜ୍ଞ ଜ୍ୟୋତି ଶକ୍ତି
ତନୁରେ ବହିକି ସୃଜେ ପୁଣ୍ୟବାରି ବିନ୍ଦୁ ।
ତପଶକ୍ତି ବଳେ ରୌଦ୍ରତପ୍ତ ଧରା
ଶୀତଳ ହୁଅଇ ଲଭି ମେଘ ପ୍ରୀତି ସିନ୍ଧୁ ॥ ୬୮
କନ୍ଦର୍ପ କୋପକୁ ବିଷମ ଜ୍ୱାଳାକୁ
ବିରହୀ ପ୍ରାଣର ସକଳ ଯାତନା ଚୁମି ।
ଆନନ୍ଦ ବରଷା ଧାରେ ଭିଜି ପ୍ରାଣୀ
ମିଳନ ରାସରେ ମେଘ ନାଚେ ଝୁମିଝୁମି ॥ ୬୯

## ମେଘ ପ୍ରୀତି

ମେଘହୋଇ ତୁମେ ଚାହିଁଦେଲେ ପ୍ରିୟ
ଜହ୍ନରୁ ଝରିବି ନୀଳ ଝରଣାଟେ ହୋଇ ।
ନୀଳନଦୀ ପରି ଐଶ୍ୱର୍ଯ୍ୟ ନୀଳିମା
ନୀଳ ଆକାଶରେ ବୋଳୁଥିବି ମଗ୍ନହୋଇ ॥ ୭୦
ନୀଳମଣି ପ୍ରିୟ ନୀଳମେଘ ପରି

ନୀଳରଙ୍ଗ ତୁମେ ଏତେ ଭଲପାଅ ଜାଣି ।
ନୀଳସୁନ୍ଦରୀ ମୁଁ ପାଲଟି ଯାଇଛି
ନୀଳପଦ୍ମ ପରି ହୋଇ ତୁମ ହୃଦରାଣୀ ॥ ୭୧
ନୀଳସାଗର ର ନୀଳତରଙ୍ଗ ମୁଁ
ନୀଳଚନ୍ଦ୍ର ଜ୍ୟୋସ୍ନା ନୀଳମେଘ ନୀଳପ୍ରଭା ।
ନୀଳକୃଷ୍ଣ ରୂପ ପୀୟୂଷ ନିର୍ଝର
ଲାବଣ୍ୟ ସରସ ନୀଳୋଜ୍ଜ୍ୱଳ ବର୍ଣ୍ଣବିଭା ॥ ୭୨
ହେମ ଶୁକ୍ଳ ନୀଳ ଘନ କଳେବର
ସୁବର୍ଣ୍ଣ ସକାଳ ଦୃଶ୍ୟକାନ୍ତି ସମୁଜ୍ଜ୍ୱଳ ।
ଅପୂର୍ବ ପ୍ରଶାନ୍ତ ପ୍ରୀତ ମନୋହର
ମନୋରମ ମେଘ ଲାବଣ୍ୟରେ ଢଳଢଳ ॥ ୭୩
ସୁବର୍ଣ୍ଣ ଉଆସ ପରି ଉଭାସିତ
ଗିରିବନ ଦେଶ ମେଘମାଟି ନଦନଦୀ ।
ଆକାଶ ପ୍ରକାଶ ଦିବ୍ୟ ଶୋଭାଶାଳା
ସୁଷମା ଭଣ୍ଡାରେ ସଖୀ ବୁଲେ ନାଚିକୁଦି ॥ ୭୪
ଅସରା ପ୍ରୀତିର ବରଷା ଧାରା ଏ
ମେଘ ମେଘମାଳା ଘୋଟିଥାଏ ବହୁଦୂରେ ।
ରଜନୀ ରାଣୀର କବରୀ ଖୋଲି କି
ମେଘ ହସୁଥାଏ ତାରାମେଳେ ଜହ୍ନ ଝୁରେ ॥ ୭୫
ନୀଳତନ୍ଦ୍ରାରେ ନୀଳ ସ୍ୱପ୍ନରେ
ନୀଳ ଘନନୀଳ ପ୍ରେୟସୀ ନୟନ ଜ୍ୟୋତି ।



ରତି କ୍ରୀଡାରତ ତୃପ୍ତ ଆହ୍ଲାଦିତ
ଉଷମ ପରଶ ଜ୍ୱାଳାମୁଖୀ ଲାଭା ଗତି ॥ ୭୬
ମେଘହୋଇ ସାଥୀ ଚୁମ୍ବିଯାଅ ମୋର
ତନୁଶ୍ରୀ ବଦନ ଚରମ ଆନନ୍ଦ ଦେଇ ।
କାମସୁଖ ଲାଗି କୁଚ କୈଳାସକୁ
ଅମୃତ କଳସ କାମ ପୁଣ୍ୟତୀର୍ଥ ଭୂଇଁ ॥ ୭୭
ମୋହନ ମେଘର ଭରା ଯୌବନ
ଉଚ୍ଛୁଳା ଲାବଣ୍ୟ ଆନନ୍ଦର ଗନ୍ତାଘର ।
ନୀଳକୁଞ୍ଜମାଳା ମଞ୍ଜୁଳ ମୃଦୁଳ
ସ୍ନିଗ୍ଧ ମନୋହର ରୂପଯଶ ଐଶ୍ୱର୍ଯ୍ୟାର ॥ ୭୮

## ମେଘ ମଙ୍ଗଳ

କେତେ ରୂପଚିତ୍ର ସୃଜୁଥାଏ ମେଘ
ମହାଚିତ୍ରଶାଳା ଆନନ୍ଦ ଲହରୀ ପରି ।
ସ୍ୱପ୍ନ କଳପନା ପ୍ରୀତି ଭାବନାକୁ
ରୂପ ଦେଉଥାଏ ରତୁରଙ୍ଗ ତୂଳିଧରି ॥ ୭୯
ମେଚକ(ମେଘ) ମହିମା ବନଭୂମି ଭୂମା (ବହୁଳ)
ଶଶ୍ୟ ସକଳ ନାନାଜାତି ଫୁଲଫଳ ।
ଭୂସ୍ୱର୍ଗ ଶୟଳ(ଧରା) ପୁଣ୍ୟ ଦେବାଳୟ
ମଙ୍ଗଳ ମୂରତି ଦିବ୍ୟ ଶୁକ୍ଳ ଶୋଭାଶାଳ ॥ ୮୦
ନୀଳକଣ୍ଠ ପରି ସଂସାର ଜ୍ୱାଳାକୁ
ଦୁଃଖକୁ ସାଉଁଟି ଦିଶୁଛି ନୀଳିମ ନୀଳ ।

ନୀଳୋଜ୍ଜ୍ୱଳ କାନ୍ତି ଜୀବନ୍ତ ଭାସ୍ୱର
କରୁଣାର ଧାରା ବସୁନ୍ଧରା ପ୍ରାଣୋଚ୍ଛଳ ॥ ୮୧
ମେଘ ନୁହଁଇ ଏ ବିଶ୍ୱ ବିଧାତାର
ଐଶ୍ୱର୍ଯ୍ୟ ଭଣ୍ଡାର ଭାସୁଛି କି ସୁଖେ ସ୍ୱର୍ଗେ ।
କଲ୍ୟାଣୀ ଧରିତ୍ରୀ ହୃଦ ମନ ଜାଣି
ମହିମା ବିତରେ ଆନନ୍ଦ ମଙ୍ଗଳ ମାର୍ଗେ ॥ ୮୨
ନୀଳ ନବଘନ ତନୁଶ୍ରୀ ମହିମା
ବୁଝି ବହିଛନ୍ତି କରୁଣା ବିଧାନ ନାମ ।
ଧନ୍ୟ କୃପାସିନ୍ଧୁ ଦୟାର ସାଗର
କୃପା କଟାକ୍ଷରେ ଅଦ୍ୱିତୀୟ ଅନୁପମ ॥ ୮୩
ନୀଳମେଘ ରୂପ ଅପୂର୍ବ ମଣିକି
ସୃଜିଥିଲେ ବିଧି ନୀଳପଦ୍ମ ନୀଳକଇଁ ।
ସାଗର ତରଙ୍ଗେ ନୀଳକାନ୍ତ ମଣି
ରଙ୍ଗକୁ ମିଶାଇ ଦେଖୁଥିଲେ ମୁଗ୍ଧହୋଇ ॥ ୮୪

## ମେଘ ନୀଳମଣି

ବସୁନ୍ଧରା ଦୁଃଖ କଂସର ଉତ୍ପାତ
ଶୁଣି ନାରାୟଣ ଧରାବତରଣ ଲାଗି ।
ଅରୁଣ ଅଧରେ ଚାହିଁଲେ ବିଧିକୁ
ବୁଦ୍ଧି ହଜିଗଲା କେଉଁ ରଙ୍ଗ ଦେବେ ଭାବି ?॥ ୮୫
ସୃଜନ ପ୍ରାଣରେ ସବୁ ତ ସୁନ୍ଦର
ସାତରଙ୍ଗ ଦେଇ ସୃଜିଛନ୍ତି ଦିନମଣି ।
ବ୍ରହ୍ମାଣ୍ଡ କରତା ମନଜାଣି କ୍ଷଣେ
କହିଲେ ବୋଲିବି ନୀଳମେଘ ରଙ୍ଗମଣି ॥ ୮୬
ନୀଳ ନବଘନ ନୀଳମଣି କାନ୍ତି
ବୈଦୁର୍ଯ୍ୟ ଐଶ୍ୱର୍ଯ୍ୟ ନୀଳଜ୍ୟୋସ୍ନା ନୀଳପ୍ରଭା ।
ଗଭୀର ନିଶୀଥେ ଦିବ୍ୟତନୁ ଦିଶେ
ନୀଳଚନ୍ଦ୍ର ପୁଷ୍ପ ରମଣୀୟ ରୂପବିଭା ॥ ୮୭
ମାନବ ତନୁରେ ନୀଳବର୍ଣ୍ଣ ରୂପ
ସ୍ନିଗ୍ଧ ଆଲୋକିତ ମେଘମୟ ପଦ୍ମମୟ ।
ବସୁଦେବ ଦେଖି ସ୍ତୁତି କରୁଥିଲେ
ସ୍ତମ୍ଭୀଭୂତ ହୋଇ ଧନ୍ୟପ୍ରଭୁ ଦୟାମୟ ॥ ୮୮
ଏମିତି ଏ ନୀଳ ଉଜ୍ଜ୍ୱଳ କୋମଳ
ଆନନ୍ଦ ଐଶ୍ୱର୍ଯ୍ୟ ନିର୍ଝରିଣୀ ରୂପରଙ୍ଗ ।
ଏଲିଡି ଆଲୋକ ରେଶମୀ ନୀଳ ଏ
ନୀଳ ତମାଳ କି ଖେଳୁଛି ନୀଳ ତରଙ୍ଗ ॥ ୮୯
କଳା ଅନ୍ଧାର ରାତି ଦିଶେ ନୀଳ
ମେଘମାଳା ନୀଳ ନୀଳ ବରଷାର ଧାରା ।
କାରାକକ୍ଷରେ ଅଗୁରୁ ତୁଳସୀ
କସ୍ତୁରୀ ମହକ ଚନ୍ଦନ ସୁଗନ୍ଧ ଭରା ॥ ୯୦
ନୀଳ ଆକାଶରୁ ପୁଷ୍ପବୃଷ୍ଟି ହୁଏ
ଦେବାଦେବୀ ସ୍ତୁତି କରୁଥାନ୍ତି ହସ୍ତଯୋଡି ।
ମେଘ ମଣ୍ଡଳରେ ଫୁଟି ଦିଶିଯାଏ

ନୀଳ ଇନ୍ଦ୍ରଧନୁ ଖସୁଛି କି ଝଡିଝଡି ॥ ୯୧
ପାର୍ଥିବ ତନୁରେ ସ୍ୱର୍ଗ ସୁଷମାକୁ
ସୃଜିଛି କି ଯତ୍ନେ ବିଭୋର ପଣରେ ମଜ୍ଜି ।
ଧନ୍ୟ ବିଧି କଳା ସୃଜନ ଚାତୁରୀ
ନୀଳ ନବଘନ ରୂପରେ ଯାଇଛି ହଜି ॥ ୯୨
ଦେଖୁଦେଖୁ କ୍ଷଣେ ସନ୍ତାପିତ ପ୍ରାଣ
ପୀଡା ଅନ୍ତର୍ହୀତ ଆନନ୍ଦ କରୁଣା ରଙ୍ଗେ ।
ସୁଷମା ପଣରେ ସ୍ୱର୍ଗ ସୁଷମାକୁ
ବଳିଛି ଦେଖୁଛି ଚତୁରଙ୍ଗ ମାୟା ସଙ୍ଗେ ॥ ୯୩

## ମେଘ ଅନ୍ଧାର

ନିଖିଳ ପ୍ରାଣର ଯେତେକ ବେଦନା
ଭାସୁଥିବ ମୁଖେ ବସିଥିବ ମୌନହୋଇ ।
ମହାବାତ୍ୟା ଦୁଃଖ ଚଉଦ୍ୱାର ବିଳାପ
କାଳର ତାଡନା ଶ୍ରମିକ ମାରଣ ପାଇଁ ॥ ୯୪
ଛାରଖାର ହେଲା କେତେ ପରିବାର
ହା-ଅନ୍ନ ଉଚ୍ଛନ୍ନ କ୍ଷୁଧାକଷ୍ଟ ପ୍ରାଣେ ସହି ।
କେତେ କିଏ ମଲେ ଅକାଳ ମରଣ
ଦଶାକୁ ଲଭିଲେ ଦଇବ ସହିଲା ନାହିଁ ॥ ୯୫
ଶ୍ରମିକ ଆଖିରୁ ନିଦ ହଜିଗଲା
ସ୍ୱପ୍ନ ଭାଙ୍ଗିଗଲା ସହସା ଜୀବନ ଯୁଦ୍ଧେ ।
ବାଲୁତ ଜୀବନ କିଶୋର ପରାଣ
ଛଟପଟ ହେଲା ଦାରିଦ୍ର୍ୟ ବେକାରୀ ମଧ୍ୟେ ॥ ୯୬
ରାଜନୀତି କୂଟ କପଟ ପଶାରେ
ଓ.ଟି.ଏମ୍ କର୍ମି ସ୍ୱର୍ଣ୍ଣଯୁଗ ଛାରଖାର ।
ଅକାଳ ଘୋଟିଲା ଦାଣ୍ଡର ଭିକାରି
ହୋଇକି ବୁଲିଲେ ମହାଦୁଃଖେ ନାରଖାର ॥ ୯୭
ଇଙ୍ଗା ଅନଳେ କଳାଧୂଆଁ ଧୂଳି
ଘୋଟିଲା ଆକାଶେ ପ୍ରଦୂଷିତ ଜଳବାୟୁ ।
କ୍ରୋମ ଗୋଟାଇ ଜୀବନ ଜୀଇଁଲେ
କେତେଯେ ଶ୍ରମିକ ସହିକି କ୍ଷୁଧାର ଦାଉ ॥ ୯୮
ଓଠରୁ ଲିଭିଲା ଆନନ୍ଦର ଧାରା
ଆଖିରେ ଅନ୍ଧାର ଜୀବନ ଯାତନା ପାଇଁ ।
ଝୁରିଝୁରି କେତେ ମରିଲେ ଗ୍ରାମରେ
ଅସହାୟ ହୋଇ ହାୟ ସରକାର ଥାଇ ?॥ ୯୯
ଖଞ୍ଜରେ ଖଞ୍ଜରେ ଖଣିଜ ସମ୍ପଦ
ଲୁଟିବାକୁ ଥୋକେ ଦିନରାତି ବେଳ ନାହିଁ ।
କଳାଟଙ୍କା ସୁନା ରୂପାକୁ ଲୁଚାଇ
ସୁଇସ୍ ବ୍ୟାଙ୍କରେ ଦେଖାନ୍ତି ବଡିମା ଛଇ ॥ ୧୦୦
ଦାରିଦ୍ର୍ୟ ଯାତନା କଷଣ ସହିକି
ଛଟପଟ ହୋଇ କାନ୍ଦନ୍ତି ଗରିବ ଜନେ ।
ଏତେ ବିଦ୍ୟାବୁଦ୍ଧି କମ୍ପ୍ୟୁଟର ଥାଇ
ହେବ କିସ ଲାଭ ଯଦି ଦୟାଭାବ ନାହିଁ ?॥ ୧୦୧

ମହଣ ମହଣ ସୁନା କିଣୁଥାନ୍ତି
        ଟିକସ ଫାଙ୍କି କି କେତେ ବିଦ୍ୟାବୁଦ୍ଧି ଖଞ୍ଜି ।
ଧନୀହୁଏ ଧନୀ ଦରିଦ୍ର ଦରିଦ୍ର
        ଶାସକ ଜଳକା ନକ୍ସଲ ହିଂସା ମଞ୍ଜି ॥ ୧୦୨
ଲକ୍ଷଲକ୍ଷ କୋଟୀ ଋଣ ହୁଏ ଛାଡ
        ପୁଞ୍ଜିପତି ଗୋଷ୍ଠୀ ଆମୋଦ ପ୍ରମୋଦେ ମାତି ।
ଋଣଯନ୍ତା ଜାଲେ ଅତିଷ୍ଠ ଉଛନ୍ନ
        ଗରିବ କୃଷକ ଆତ୍ମହତ୍ୟା କରେ ନିତି ॥ ୧୦୩
ଉଚ୍ଚଶିକ୍ଷା ଲାଗି ସରକାରୀ ଧନ
        ଖଜଣା ଦିଅନ୍ତି ସବୁ ଜିଲ୍ଲାବାସୀ ମିଶି ।
ସମାନ ସଂଖ୍ୟକ ମେଧାବି  ବାଛିଲେ
        ସବୁ ଅ  ଳରେ ପିଲାଏ ହୋଇବେ ଖୁସି ॥ ୧୦୪
ଏ _ନ୍ସ ମେରିଟ୍ ମିଛମାୟା କୂଟ
        ସବୁ ଜିଲ୍ଲା ବ୍ଲକ ମେଧାବୀ ପିଲାଙ୍କୁ ବାଛ ।
ପଛୁଆ ଅ  ଳ ଉନ୍ନତ ହୋଇବ
        ଦାରିଦ୍ର୍ୟ ହଟିବ ଗଣତନ୍ତ୍ର ଶକ୍ତ ସ୍ୱଚ୍ଛ ॥ ୧୦୫



# ମେଘରନ୍ଧ୍ର -୩

## ମେଘ ମହ୍ଲାର

ମେଘପର୍ବ ପାଳି ମହାଉଲ୍ଲସିତ
        ଆନନ୍ଦ ସମୁଦ୍ର ବନଭୂମି ବ୍ୟୋମ ଗିରି ।
ନାନାଗୀତ ଗାଇ ନାଚିକୁଦି ଡେଇଁ
        ଦୂର ଆକାଶରୁ ବରଷା ଆସଇ ଧାଇଁ ॥ ୧
ନବଆଶା ନବ ରୋମା    ରଭସ(ରତି)
        ଶୃଙ୍ଗାର ଶିଞ୍ଜୀନ(ଧ୍ୱନି) ଖେଳିଯାଏ ତନୁ ମନେ ।
ମହକେ ପରାଣ ପୁଲକିତ ହୋଇ
        ଆନମନା ଚି   ଆଷାଢ କଦମ୍ବ ବନେ ॥ ୨
ରସରାଜ କୃଷ୍ଣ ରାସ ବିଳାସ ଏ
        ସୁନ୍ଦରୀ ଶ୍ରୀରାଧା କାମକେଳି କୋଟିନିଧି ।
ପ୍ରୀତି କାଦମ୍ବରୀ ପାନେ କାଦମ୍ବିନୀ(ମେଘ)
        ବିଭୋର ବିଳାସ ସୃଜନ ଐଶ୍ୱର୍ଯ୍ୟ ବିଧି ॥ ୩
ଲାବଣ୍ୟ ତମାଳ ନୀଳ କୃଷ୍ଣଘନ
        ଦିଶେ ଦିବ୍ୟ ଦୀପ୍ତ ମାଳମାଳ ଢଳଢଳ ।
ଲାବଣ୍ୟ କନକ ମହିମା ଉଜ୍ଜ୍ୱଳ
        ଉଚ୍ଛ୍ୱସିତ ବ୍ୟୋମ ଧରା ଦେଖି ଅସମ୍ଭାଳ ॥ ୪
ଉଜ୍ଜ୍ୱଳ କୋମଳ ଶାନ୍ତସ୍ନିଗ୍ଧ ମୁଖ-

ମଣ୍ଡଳ ମୟୂରୀ ନୀଳମେଘ ନୀଳଜ୍ୟୋତି ।
ନୀଳଶୃଙ୍ଗ ନୀଳ ଚନ୍ଦ୍ରମା ଜୋଛନା
ଝରିକି ଝଲସେ ଉଚ୍ଛୁଳେ ଐଶ୍ୱର୍ଯ୍ୟ ପ୍ରୀତି ॥ ୫
ଘନ ଆଡମ୍ବର ଦୁନ୍ଦୁଭି ଡମ୍ବର
ପ୍ରୀତି ଉନ୍ମାଦନା ମଙ୍ଗଳ ନିନାଦ ଧ୍ୱନି ।
ରୂପଯଶ ବେଶ ଅମୃତ କଳସ
ଓଜାଡିବ କ୍ଷଣେ ଉଚ୍ଛୁଳି କି ଆହ୍ଲାଦିନୀ ॥ ୬
ବନ ବୃନ୍ଦାବନ ମନ ବୃନ୍ଦାବନ
ଉ  ଳା ଯମୁନା ନୀଳ ନୀରବେଣୀ ଖେଦି ।
ନାଚିନାଚି  ଘୂରି ମାଟିରୁ ଆକାଶ
ମେଘମେଳେ ମେଘ ମହ୍ଲାର ରାଗିଣୀ ନଦୀ ॥ ୭
ଆହା କି ସୁନ୍ଦର ଦିବ୍ୟ ମନୋହର
ମନୋରମ ରୂପ ମହିମା ମଣ୍ଡଳ ଧରା ।
ଧାରଧାର ହୋଇ ବରଷେ ବରଷା
ସୁରସେ ହରଷେ ଆହ୍ଲାଦିତ ତୃପ୍ତ ସାରା ॥ ୮

## ମେଘ କୈଶୋର

ମେଘ ଆସେ ମାଡି ଧରି ଝଡି ବଢି
ଅନ୍ଧାର ରାତିରେ ବୁଢୀ ଅସୁରୁଣୀ ପରି ।
ଜମ୍ବୁକ(ବିଲୁଆ)ରଡିଲେ ଡାହାଣୀ ଆଲୁଅ
ଜଳୁଛି ଦେଖିଲେ ଡର ଲାଗେ ଛାତି ଥରି ॥ ୯
କୀଚକ(ବାଉଁଶ)ବଣରେ ବିକଟ ପ୍ରେତ କି
ଅନ୍ଧାର ଭୂତ କି ଭାଙ୍ଗେ କଡମଡ କରି ।
ଘୁ ଘୁ କରି ପବନ ମାତଇ
ଚାଳକୁ ଉଡାଇ ଆମ୍ବଡାଳ ମୋଡି ଧରି ॥ ୧୦
ଜୀବନ ବିକଳେ କବାଟ କିଳିଣ
ରାତି ଉଜାଗର ବ ିବାକୁ ଥୟଧରି ।
ଭୂତପ୍ରେତ ଡର ବସା ବାନ୍ଧିଥାଏ
ବାଳୁତ ପ୍ରାଣରେ ଡାକେ ହରେକୃଷ୍ଣ ହରି ॥ ୧୧
ବିପଦ ଆପଦେ ସାହା ହୋଇଥାନ୍ତି
ମାଆ ମଙ୍ଗଳା ଶୁଣନ୍ତି ସବୁରି ଦୁଃଖ ।
ଡରଭୟ ଜର ଛାଡି ଚାଲିଗଲେ
ଜୀବନ ଫେରଇ ଲାଗେ ପ୍ରାଣ ବଡ ସୁଖ ॥ ୧୨
ସାରୁ ବାଇଗଣ ପାଳୁଅ ବାରିରେ
କାମ କରୁଥିଲେ ଜେଜେ ପାଖେ ଖୁସିମନେ ।
ବରଷାରେ ଭିଜି ଛତୁ ତୋଳିବାରେ
ମାଛ ଧରିବାରେ ମହାସୁଖ ଅଛି ମନେ ॥ ୧୩
ଆହା କେତେ ମିଠା କ ିଆ କାକୁଡି
ନଡିଆ ଉଖୁଡା ରାଶିଲଡୁ ଚୁଡା ଭୋଗ ।
ଗଣେଶ ପୂଜାରେ ଗ୍ରାମଦାଣ୍ଡେ ମାତି
ଆକାଶ କମ୍ପାଉ ଭସାଣି ଉତ୍ସବ ପାଗ ॥ ୧୪
ସରଳ ପ୍ରାଣ କି ଆନନ୍ଦ ସରସ
ସରଗ ସୁଖ କି ଦେଖି ନଈବଢି ମେଘ ।
ଗୋଳିଆ ପାଣିରେ କାଦୁଅ ଚିକିଟା
ଛନକା ପଶଇ ଲୁଚିଥିବ ଜଳେ ବାଘ ॥ ୧୫
ପ୍ରାଚୀକୂଳ ନଟା ନିଘ   ନୀଳିମ
ବଣବୁଦା କ । ଅଳସ ଅନ୍ଧାର ରୂପ ।

ଦିନରେ ଶିଆଳ ଦେଖିଲାଗେ ଡର
ମେଘ ଘୋଟିଥାଏ ଚଉଦିଗେ କରି କୋପ ॥ ୧୬
ସକାଳ ପହରୁ ସଞ୍ଜବୁଡ ଯାଏ
ସୂରୁଜ ନଥାଏ ମେଘରଡି ଝଡି ଡରେ ।
ପଶାପାଲି ନିଶା ତାସ୍ ଖେଳରେ
ଗ୍ରାମବାସୀ ବସି ଦିନ ଗଣୁଥାନ୍ତି ଘରେ ॥ ୧୭
ଭାଗବତ ଜନ୍ମ ଉତ୍ସବ ମଠରେ
ରାକ୍ଷୀ ପୂର୍ଣ୍ଣିମାରେ ଆନନ୍ଦ ଝୁଲଣ ପ୍ରୀତି ।
ଗ୍ରାମରୁ ଶ୍ରୀକ୍ଷେତ୍ର ଆନନ୍ଦ ମୁଖର
ମହୋତ୍ସବମୟ ରକ୍ଷା ବନ୍ଧନରେ ମାତି ॥ ୧୮
ହାତେ ପଣତରେ ନବବଧୂ ଦିଶେ
ରାଜହଂସୀ ପରି ଚାଲୁଥିବ ଥିରିଥିରି ।
ପାହାନ୍ତି ପହରେ ଦାଣ୍ଡେ ପଡିଥାଏ
ଦୁଧ ଅଳତାର ପଦ୍ମପାଦ ସ୍ୱର୍ଗପରି ॥ ୧୯
ଘୋର ବରଷାରେ ବିରହୀ ପରାଣ
ଝୁରୁଥିବ ଗୀତେ ମୋ କାନ୍ତ ଗଲେ ମୃଗମାରି ।
କାଉ କା'ରଡି ଶୁଣିଲେ କାନ୍ଥରେ
'ଲକ୍ଷ୍ମଣରେଖା' ଟାଣି ଗଣେ ଖଡି ଧରି ॥ ୨୦

## ମେଘ ବନ

ସୀତା: ସୁବର୍ଣ୍ଣ ହରିଣ ଧରିକି ଫେରିବେ
ଦେଖିହେବି ଧନ୍ୟ ପୂରିବ ମୋ ପ୍ରାଣ ଆଶା ।
ପ ବଟୀ କୋଳେ ସ୍ୱର୍ଣ୍ଣପ୍ରସୂ ମେଘ
ଶୋଭା ପରଶୁଛି ପ୍ରୀତି ରୋମା ିତ ରସା ॥ ୨୧
ବଉଦ ମାଳରେ ଶୁଭ୍ରସ୍ୱର୍ଣ୍ଣ ସୌର



କାନ୍ତି କି ସୁନ୍ଦର ଐଶ୍ୱର୍ଯ୍ୟ ବଦନେ ଚାହିଁ ।
ଦେବଭୂମି ଧନ୍ୟ ଜମ୍ବୁଦ୍ୱୀପ ଭାଗ୍ୟ
ବୈଦୁର୍ଯ୍ୟ ବିଭବ ମେଘମାଟି ବନଭୂଇଁ ।୨୨
ସ୍ୱାଦିଷ୍ଟ ରସାଳ ନାନା ପୁଷ୍ପଫଳ
ଫୁଟିଛି ଲୋଟିଛି ତରୁଲତା ତନୁଦେଶେ ।
ଆନନ୍ଦ ଚୁମ୍ବନ ଘନ ଆଲିଙ୍ଗନ
ମେଘକୋଳେ ମେଘ ନୀଳଶୈଳ ଶୃଙ୍ଗ ହସେ ॥ ୨୩
ଏପଟେ ପାହାଡ ସେପଟେ ପାହାଡ
ପାହାଡୀ ଝରଣା ପ୍ରୀତିର ସଙ୍ଗୀତ ଗାଏ ।
ଭାସିଭାସି ମେଘ ନାଚି ବୁଲୁଥାଏ
ଠିକଣା ଖୋଜିକି ପ୍ରୀତିହୃଦ ଚୁମ୍ବୁଥାଏ ॥ ୨୪
ଅରଣ୍ୟ କୁଟୀରେ ଆଶାନ୍ୱିତ ଆଖି
ରହିଥିଲା ଲାଖି ଶ୍ରୀରାମ ଫେରିବା ପଥେ ।
ହାୟ କି ଦଇବ ଯୋଗୀବେଶ ଧରି
କୁମ୍ଭିଳକ(ଚୋର)ପରି ନେଲା ଦଶାନନ ରଥେ ॥ ୨୫
ଏ ଘୋର ବିପଦେ ବିଷାଦିତ ମେଘ
ବିଷାଦ ପ୍ରକୃତି ବ୍ୟଥାରେ କାତର ଧରା ।
ବନଭୂମି ତରୁ ଲତା କି ଶୋକରେ
ବିଳାପ କରନ୍ତି ବର୍ଷା ବାରି ଅଶ୍ରୁଧାରା ॥ ୨୬
ବିଧିର ଭିଆଣ ହସ କାନ୍ଦ ଜାଣ
ଅଲଙ୍ଘ୍ୟ ଅବ୍ୟର୍ଥ ଭୋଗିବାକୁ ପ୍ରାଣୀ ପ୍ରାଣେ ।
ଅଦୃଷ୍ଟ ବିଧାତା ଭାଗ୍ୟ ଇଙ୍ଗିତରେ
ନାଚନ୍ତି ସଭିଏଁ ଜୁଝି କି ଜୀବନ ରଣେ ॥ ୨୭
ସ୍ୱର୍ଣ୍ଣମୃଗ ଲୋଭ ଲାଗି ଏତେ କାଣ୍ଡ

ଆଚମ୍ବିତ ଲାଗେ ନିଶ୍ଚେ ମାୟା ନଟକୂଟ ।
ନୋହିଲେ କିସୁଖେ ସ୍ୱର୍ଣ୍ଣ ଆଭୂଷଣ
ତ୍ୟାଗ କରିଥିଲେ ବାଛି ବନବାସ ବାଟ ॥ ୨୮
ହୀରାଲୀଳା ମୋତି ମାଣିକ୍ୟ ସୁବର୍ଣ୍ଣ
ତୁଚ୍ଛମଣି ଯିଏ ଆସିଥିଲେ ଲୋଭଛାଡି ।
ବନ୍ୟ ସ୍ୱର୍ଣ୍ଣମୃଗ ଲୋଭରେ ଆକୁଳ
ବ୍ୟାକୁଳ ବିବ୍ରତ ପ୍ରାଣଯିବ ଅବା ଛାଡି ॥ ୨୯
କିଏ ଜାଣେ କାହା ଜୀବନେ କେଉଁଠି
କେତେବେଳେ କ'ଣ ଘଟିଯିବ ଅନୁକ୍ଷଣେ ?
ମାୟା କବଳିତ ମଣିଷ ନିମି
ନାହିଁ ତା ଆୟତ ଭାଗ୍ୟର ଖେଳନା ଜାଣେ ॥ ୩୦
ଟଙ୍କାସୁନା ରୂପା ଥିଲେ ଥାଉ ଯେତେ
ନୀରସ ଲାଗଇ ଏ ଜୀବନ କେବେକେବେ ।
ସବୁଲାଗେ ତୁଚ୍ଛ ମୂଲ୍ୟହୀନ ମିଛ
ମହାଜଞ୍ଜାଳ ଏ ଭୋଗିବାକୁ ଦୁଃଖ ଭବେ ॥ ୩୧
ଲୋଭାନ୍ୱିତ ଦେଖି ସୁବକପିଟୀହରିଣ
ସୁଷମା ଲାବଣ୍ୟ ମାୟାଞ୍ଜନ ବୋଳା ଆଖି ।
ତା ବିନା ଜୀବନ ଅପୂର୍ଣ୍ଣ ଉଚ୍ଛନ୍ନ
ଧନ୍ୟ ନାରୀମନ ଦଶାନନ ସ୍ତବ୍ଧ ଦେଖି ॥ ୩୨
ଧନ୍ୟ ଏ ମାନବ ଏତେ ଅସହାୟ
ଲୋଭଗ୍ରସ୍ତ ହୋଇ ଦୁଃଖରେ ସଦା ସନ୍ତପ୍ତ ।
କାମନା ବାସନା କମଳେ(ଜଳରେ) ବୁଡିକି
ପ୍ରାଣ ଛାରଖାର ମୃତ୍ୟୁକାଳେ ଅନୁତପ୍ତ ॥ ୩୩
ମେଘ ଦେଖୁଥିଲା ହାୟ ଏ ରାବଣ
କପଟୀ କର୍ପଟୀ(ଭିକ୍ଷୁକ)ଆସିଛି ଏ ଯୋଗୀ ବେଶେ ।
ରାଜ ପରିଧାନ ସ୍ୱର୍ଣ୍ଣ ଆଭୂଷଣ
ସୀତା ଲାଗି ତ୍ୟାଗ କରିଛି କି ପ୍ରୀତି ଫାଶେ ?॥ ୩୪
ରାମ ଅପସରି ଯାଆନ୍ତେ ଦୂରକୁ
ସ୍ୱର୍ଣ୍ଣମୃଗ ରୂପ ଧରି ଆସିଥାନ୍ତା ଯେବେ ।
ପର୍ଣ୍ଣ କୁଟୀରରେ ପ୍ରବେଶ କରନ୍ତେ
ସୀତା ଧରିଥାନ୍ତେ କୁଣ୍ଢାଇ କୋଳରେ ଭାବେ ॥ ୩୫
ଅବା ଆସିଥାନ୍ତା ରାମରୂପ ଧରି
ପ୍ରୀତି ଆଶାକରି କରିଥାନ୍ତା ଆଲିଙ୍ଗନ ।
ଏ ବଡ ପଣ୍ଡିତ ମହାଗୁଣୀ ଜ୍ଞାନୀ
ହେଲା ଯୋଗୀବେଶ ଛାଡି ରାଜା ଅଭିମାନ ॥ ୩୬
ଭିକ୍ଷା ମାଗିବାକୁ ମହତ ମଣିଲା
ସ୍ୱର୍ଗଜୟୀ ହୋଇ ତୁଣ୍ଡେ ଘୋଷି ଭିକ୍ଷା ଦେହି ।
ଯୋଗୀ ଥାଳ ଧରି କୁଟୀର ଦୁଆରେ
ଛିଡାହେବା ଦୃଶ୍ୟ ଦେଖି ଆଚମ୍ବିତ ମହୀ ॥ ୩୭
ଅସମ୍ଭବ ଭାବି ସେଇ ଦୃଶ୍ୟ ଚିତ୍ର
ଆଙ୍କୁଥିଲା ମେଘ ଆକାଶ ମଣ୍ଡଳେ କ୍ଷଣେ ।
ବିଶ୍ୱ ଭୁବନରେ ଗର୍ବ ଅହଙ୍କାର
ଅଭିମାନ ଛାଡି ସୁଖ ଲଭୁ ପ୍ରାଣୀ ପ୍ରାଣେ ॥ ୩୮
ରାମ ଦେଖି ବନେ ବ୍ୟୋମ ଘନ ରୂପ
ଆଶ୍ଚର୍ଯ୍ୟ ଚକିତ ଦଶାନନ ଯୋଗୀବେଶ ।
ମେଘ ନୁହଁଇ ଏ ମେଘ ମାୟାଜାଲ
କିଏ ଜାଣେ କେଉଁ ଭାବେ ହୋଇଛି ପ୍ରକାଶ ?॥ ୩୯
ମେଘର ସାହସ ଦେଖି ବିଶ୍ୱଜନ

ଦେବତା ଗନ୍ଧର୍ବ ଅବନୀ ଅମ୍ବର ସ୍ତବ୍ଧ ।
ଏ ତ ଦୁଃସାହସ ନିନ୍ଦା ଉପହାସ
ଦଶମୁଖ ଯୋଗୀ ଲଙ୍କାବାସୀ କ୍ରୁଦ୍ଧ କ୍ଷୁବ୍ଧ ॥ ୪୦
ସ୍ୱଳ୍ପ ବସ୍ତ୍ରାବୃତ ଜଟାଜୁଟ ରୂପ
ଅତ୍ୟନ୍ତ ପ୍ରଫୁଲ୍ଲ ଉଦାର ପ୍ରସନ୍ନ ଚି ।
ସ୍ୱର୍ଣ୍ଣଲଙ୍କା ସ୍ୱର୍ଣ୍ଣ ମୋହମାୟା ଛାଡ଼ି
ଏତେଦିନେ ଅବା ଲଭିଛି ଏ ମହାବି ॥ ୪୧
ଆଶ୍ଚର୍ଯ୍ୟ ଚକିତ ବିଧି ଆଚମ୍ବିତ
ଶୁଣି ସୀତା ସ୍ୱର ଲାଗେ ଏ'ତ ରାବଣର ।
ସ୍ୱୟମ୍ବର କାଳେ ଶୁଣିଛି ଏ ସ୍ୱର
ଅସମ୍ଭବ ଲାଗେ ଆଜି ବନେ ଶୁଣିବାର ॥ ୪୨
ରଜା କଣ କେବେ ଭୁଲିଯିବ ତାର
ରାଜ ଅଭିମାନ ରାଜଛତ୍ର ରୂପବେଶ ।
ଏ ଯୋଗୀ ନିଶ୍ଚୟ ଆସିଛି ଏଠାକୁ
ଭିକ୍ଷା ମାଗିବାକୁ ନୁହେଁ ତା ମନ୍ଦ ଉଦ୍ଦେଶ୍ୟ ॥ ୪୩
ପ୍ରୀତି ଭିକ୍ଷାକରି ଭଉଣୀ ଯାହାର
ନାକ କଟାଇଛି ଅବାଧ୍ୟ ଉଦ୍ଧତ ପଣେ ।
ଭାଇ ତା'ର କଣ ଭିକ୍ଷା ମାଗିବ କି
ଅବନତ ମୁଖେ ନିରାଶେ ନିର୍ଲ୍ଲଜ ପ୍ରାଣେ ?॥ ୪୪
ସେ ତ ମହାବୀର ସ୍ୱର୍ଗ ଅଧୀଶ୍ୱର
ଦେବତା ଗନ୍ଧର୍ବ ଖଟୁଛନ୍ତି ଯାର ପାଦେ ।
ସେ କାହୁଁ ଆସିବ ନିସ୍ୱଃ ଯୋଗୀବେଶେ
ଭିକ୍ଷା ମାଗିବାକୁ ଭିକ୍ଷାଥାଳ ଧରି ହୃଦେ ॥ ୪୫
ବିପଦ କାଳରେ ସାଧୁ ସେବାକଲେ



ସୁଖଶାନ୍ତି ମିଳେ ଦାନଦେଲେ ମହାପୁଣ୍ୟ ।
ଅପୂର୍ବ ତେଜସ୍ୱୀ ଯୋଗୀ ତପସ୍ୱୀ ଏ
ଦୀପ୍ତ ଉଭାସିତ ଦିଶେ ବଦନ ଲାବଣ୍ୟ ॥ ୪୬
ହେ ଯୋଗୀବର ସୁବର୍ଣ୍ଣ ହରିଣ
ସତେ କି ସମ୍ଭବ ଧରିବାକୁ ମନବଳେ ?।
ପ ବଟୀ ବନେ ଦେଖିଛ କି କାହିଁ
ଶୁଣିଛ କାହାଠୁ ବୁଲିବାର ଧରାତଳେ ?॥ ୪୭
ରାବଣ: ଅସମ୍ଭବ ନୁହଁ ସୃକ୍(ବିଧି)ର ସୃଜନ
ସୃଜିଛି ଯେ ଯତ୍ନେ ସୁରମ୍ୟ ସୁଶ୍ରୀକ(ସୁନ୍ଦର)ଶଶୀ ।
ତୁମ ତନୁପଦ୍ମ ହୀରାର ହରିଣ
ଭ୍ରମରେ ଭ୍ରମିଣ ଦେଖୁଛି ଏଠାରେ ଆସି ॥ ୪୮
ବିଧି ସୃଜିଥିବ ସୁନାର ହରିଣ
ଆହୁରି ସୁନ୍ଦର ହୀରାର ହରିଣ ନିଶ୍ଚେ ।
ତୁମକୁ ଦେଖିମୁଁ ସତଲାଗେ ମତେ
ହୀରାର ହରିଣ ଆସନ୍ତା କି ମୋର ପାଶେ ॥ ୪୯
ଭୀତତ୍ରସ୍ତ ଲାଗେ ଦେଖିଥାନ୍ତା ଯଦି
ବ୍ୟାଧ କି ଶବର ବଧିଥାନ୍ତା ଶର ବାଣେ ।
ହୀରାର ହରିଣ ମାଂସଲୋଭ ଲାଗି
ଅପକୀ ଆଜି ଅର୍ଜିଥାନ୍ତା ଘୋରବଣେ ॥ ୫୦
ଦୟାଳାଗେ ଦେଖି ତୁମରି ହୀନସ୍ତା
ଦାରୁଣ ବିଧାତା ରଖିଛି କାନ୍ତାରେ(ଅରଣ୍ୟେ)ନେଇ ।
ରୂପ ଐଶ୍ୱର୍ଯ୍ୟରେ ଦେବକନ୍ୟା ଅବା
ଅପ୍ସରା ପରୀ ରୂପଯଶ କୀ ହୋଇ ॥ ୫୧
ଲାବଣ୍ୟ କମଳ ଖେଳୁଛି ତନୁରେ

ମୁଖ ମଣ୍ଡଳରେ ତରୁଣ ପ୍ରାଣର ତେଜ ।
ସୁଷମା ନିଳୟେ ରମା ଉମା ଶଚୀ
ନିଷ୍ପ୍ରଭ ନିଷ୍ପ୍ରାଣ ଦେଖି ତୁମ ରୂପ ସଜ ॥ ୫୨
ସୁନାର ହରିଣ ଦେଖିଛ ନୟନେ
ମୁଁ ଦେଖିଛି ଏଠି ହୀରାର ହରିଣ ସତ ।
ସତକୁହ ତୁମେ ମାନବ ତନୁରେ
ହରିଣ ନୁହଁ ତ ଆଖିଓଠ ଦେଖି ପ୍ରୀତ ?॥ ୫୩
ଛାଡିଯିବା ଲାଗି ଇଚ୍ଛା ହେଉନାହିଁ
ନେଇକି ଯାଆନ୍ତି ସ୍ୱର୍ଣ୍ଣ ରଥେ ଚଢି ସତେ ।
ସ୍ୱର୍ଗ ରାଇଜକୁ ଇନ୍ଦ୍ର ଭୁବନକୁ
ଉଡି ଉଡିଯାନ୍ତି ଆନନ୍ଦ ସମୁଦ୍ର ଚିତେ ॥ ୫୪
ତୁମ ସ୍ଥାନ ତୁମେ ଜାଣିନ କେଉଁଠି
ବିଧାତା ଭୁଲି କି କରିଛ ଏ ମହାପାପ ।
ରଖିଛି ତୁମକୁ ବନ ଭୁବନରେ
ବିଧି କ'ଣ ମିଛ ନିଶ୍ଚେ କାଳ ଅଭିଶାପ ॥ ୫୫
ପୀୟୂଷ ପ୍ରତିମା ଲାବଣ୍ୟ ପିତୁଳା
ସୁରମ୍ୟ ଚନ୍ଦ୍ରମା ପାଇଛି କି ପ୍ରାଣ ଦେଖ ।
ଅମୃତ କଳସ ମଧ୍ୟେ ଫୁଟିଅଛି
ପଦ୍ମପୁଷ୍ପ ତନୁ ପଦ୍ମଗନ୍ଧା ପଦ୍ମମୁଖ ॥ ୫୬
ଲୁଚାଇ ରଖିଛି ବିଧି କି ବନରେ
ଦେଖିବ କି କାଳେ ସ୍ୱର୍ଗଜୟୀ ଲଙ୍କପତି ।
ଦେଖିଲେ ରଖିବ ଅଶୋକ ବନରେ
ଦେବବାଳା ସେବା କରୁଥିବେ ଦିବାରାତି ॥ ୫୭
ବିଧିର କରିସ୍ମା ସୃଜନ କୋଣାର୍କ



ତନୁ ପୁଣ୍ୟତୀର୍ଥ ଆନନ୍ଦ ବିସ୍ମୟ ଲାଗେ ।
ସୁନ୍ଦର ପଣରେ ବ୍ରହ୍ମାଣ୍ଡ ସୁନ୍ଦରୀ
କୋଟୀ ଦେବକନ୍ୟା ନିଷ୍ପ୍ରଭ ତୁମରି ଆଗେ ॥ ୫୮
ତୁମ ପରିଚୟ ପାଇଲେ ଆଶ୍ୱସ୍ତ
ହେବ ମନମୋର କେତେ ଶଙ୍କା ଜାଗେ ପ୍ରାଣେ ।
ସୁଖରେ ଜୀବନ କାଳ କାଟୁଥାଅ
ଧରା କୀର୍ତ୍ତି ହୋଇ ସ୍ୱର୍ଗ ରତ୍ନମଣି ମଣେ ॥ ୫୯
ସୀତା: ଭାଗ୍ୟ ବିଡମ୍ବନା ଲାଗି ବନବାସ
ସ୍ୱଇଚ୍ଛାରେ ସୁଖେ ପ୍ରିୟବର ସେବା ଲାଗି ।
ଏ'ତ ମହାଭାଗ୍ୟ ରଘୁକୁଳ ବଧୂ
ହେବାରେ ଗୌରବ ଦିବସ ରଜନୀ ସେବି ॥ ୬୦
ସ୍ୱର୍ଣ୍ଣମୃଗ ଦେଖି ଦୁର୍ବାର କାମନା
ଜାଗିଲା ମୋ ହୃଦେ ଅସମ୍ଭାଳ ପ୍ରତିକ୍ଷଣେ ।
ମୋ କାନ୍ତ ବଚନ 'ମିଛ ମାୟା ଇଏ'
ନବୁଝି ତାହାଙ୍କୁ ପଠାଇଛି ଘୋର ବଣେ ॥ ୬୧
ଦୁର୍ଗତି ପଡିଲା ଜାଣିକେ ଡାକିଲା
ତ୍ରାହି ଲଇକ୍ଷଣ ଶୁଣି ବିଚଳିତ ହୋଇ ।
ଦେବର କୁ ମୋର ପଠାଇଛି ଏବେ
ଗାଳିମନ୍ଦ କରି ଦୁଃଖେ ବୁଦ୍ଧି ଦିଶୁନାହିଁ ॥ ୬୨
ମହେଷ୍ୱାସ(ମହାଧନୁର୍ଦ୍ଧର)ବୋଲି ସୁଖ୍ୟାତି ତାଙ୍କର
ପିତୃସତ୍ୟ ପାଳି ବୁଲୁଛନ୍ତି ବନେବନୁ ।
ଧନୁର୍ବାଣ ଧରି ବଧିଲେ ତାଡକା
ଭାଙ୍ଗିଲେ ସହସା ସ୍ୱୟମ୍ବରେ ଶିବଧନୁ ॥ ୬୩
ହୃତ୍‌କମ୍ପ ହୃଦ୍‌ଘାତ ହେବଏ ବିପଦେ

ଦମ୍ଭଲାଗେ ଦେଖି ଦୟାକର ଯୋଗୀବର ।
କୁଶଳେ ମଙ୍ଗଳେ ଥିବେ ପ୍ରାଣପ୍ରିୟ
ସତକୁହ ମତେ ଦୁଃଖେ ପ୍ରାଣ ଥରହର ॥ ୬୪
ରାବଣ: ବିଧିର ବିଧାନ ହେବ କି ଖଣ୍ଡନ
ବୃଥାଚିନ୍ତା କାହିଁ କରୁଛ କୁଟୀରେ ବସି ।
ଭିକ୍ଷାଦାନ ଦିଅ ପୁଣ୍ୟ ଅରଜିବ
ଜଗତ କଲ୍ୟାଣେ ଦେଖି ଯୋଗୀ ମୁନିଋଷି ॥ ୬୫
ସୀତା: ଭିକ୍ଷାଥାଳ ଧରି ହୃଦରେ ତୁମର
ବୁଲୁଛ ବନରେ ତୁମେ କି ନୁହଁ ସନ୍ନ୍ୟାସୀ ?
ଆଉ ଅବେଳରେ କିଏ ସେ ଆସିବ
ଭିକ୍ଷାଦାନ ଦେବି କହୁଛ ମୋ ପାଖେ ଆସି ?॥ ୬୬
ରାବଣ: କାମନା ବାସନା ଛାଡି ଏ ସାଧନା
କଠୋର ତପସ୍ୟା ଭାଗ୍ୟରେ ଯାହାର ଲେଖା ।
ସେ ଯଦି କ୍ଷଣିକେ ହୀରାର ହରିଣ
ଭ୍ରମରେ ଭ୍ରମିଲା କେଉଁ ସନ୍ନ୍ୟାସୀରେ ଲେଖା ?॥ ୬୭
ସୀତା: ଦୃଷ୍ଟିଭ୍ରମ ଲାଗି ନିନ୍ଦୁଛ ନିଜକୁ
ହେ ମହାତପସ୍ୱୀ ଦେଖିନାହିଁ ଶୁଣିନାହିଁ ।
ଧନ୍ୟ ଧନ୍ୟ ତୁମେ ଧରା ପୁଣ୍ୟ କର୍ମୀ
ମହାଦେବ କୃପା ଲଭିଛ ଜାଣୁଛି ମୁହିଁ ॥ ୬୮
ଭିକ୍ଷାଦାନ ଦେଲେ ତୁମକୁ ଆନନ୍ଦେ
ଅରଜିବି ପୁଣ୍ୟ ମହାପୁଣ୍ୟ ମହାଭାଗ୍ୟ ।
ଦୟାବହି ହୃଦେ କ୍ଷମାକର ମତେ
ଜାଣେ ନୁହେଁ କେବେ ତପୋଧନ ତୁମ ଯୋଗ୍ୟ ॥ ୬୯
କୁଟୀର ଦୁଆରେ ଲକ୍ଷ୍ମଣରେଖା ଏ



ଯିବାକୁ ନିଷେଧ କହିଛନ୍ତି ରାମାନୁଜ ।
ରାଗ ରୋଷହୋଇ ଫେରିଯିବ କାଳେ
ଡରଲାଗେ ମତେ ଦେଖିତୁମ ମୁଖ ତେଜ ॥ ୭୦
ରାବଣ: ଭିକ୍ଷାଦାନ ମୋର ଲୋଡାନାହିଁ କୁହ
କେଉଁ ଯୋଗୀ ଯତୀ କୁଟୀର ମଧ୍ୟକୁ ଯାଇ ।
ଭିକ୍ଷା ନେଇଛି କି ନେବି ମୁଁ କହୁଛ
ନିନ୍ଦା ଅରଜିବି ଯୁଗଯୁଗ ଯୋଗୀ ହୋଇ ?॥ ୭୧
ସୀତା: ହେ ସିଦ୍ଧସାଧୁ ଜଗତ ହିତୈଷୀ
ଲିଭାଇ ଦେଲେ ଏ ଲକ୍ଷ୍ମଣରେଖାକୁ ଥରେ ।
ହର୍ଷୋତ୍‌ଫୁଲ୍ଲ ହୋଇ ଭିକ୍ଷାଦାନେ ପୁଣ୍ୟ
ଲଭିବି ନିଶ୍ଚୟ ଦୟାକର ମତେ ବାରେ ॥ ୭୨
ବିସ୍ମିତ ଚକିତ ଶୁଭେ ତୁମ ସ୍ୱର
ଦଶାନନ ପରି ଧନ୍ୟ ବୀର ଧରାତଳେ ।
ସ୍ୱୟମ୍ବର କାଳେ ସମୁଦ୍ର ମଂଥନୁ
ଶିବଧନୁ ଧରି ଟେକିଥିଲେ ବାହୁବଳେ ॥ ୭୩
ଭାଙ୍ଗି ପାରିଲେନି ବୋଲି କି ଲାଜରେ
ଫେରିଥିଲେ ଦୁଃଖେ ପୁଷ୍ପକ ଯାନରେ ଲଙ୍କା ।
ଧନ୍ୟ ସେ ବିମାନେ ବସିବା ଉଡିବା
ମେଘମାଳା ମଧ୍ୟେ ଦେଖି ଲାଗୁଥିଲା ଶଙ୍କା ॥ ୭୪
ସଖ୍ୟ(ବନ୍ଧୁ)ଭାବେ ଯଦି ଭେଟିବୁ ବନରେ
ବନବାସ ଶେଷେ ବସିକି ପୁଷ୍ପକ ଯାନେ ।
ହୃଷିତ ହ୍ଲାଦିତ ହୋଇକି ଫେରିବୁ
ମହାଭାଗ୍ୟ ମଣି ପ୍ରାର୍ଥନା କରଇ ମନେ ॥ ୭୫
ମନୋବାଞ୍ଛା ପୂର୍ଣ୍ଣହେଉ ହେ ହେମାଙ୍ଗୀ

କହିକି ସନ୍ନ୍ୟାସୀ ଲିଭାନ୍ତେ ଲକ୍ଷ୍ମଣଗାର ।
ଭିକ୍ଷାଦାନ ଦେଉ ଦେଉକି ହୁଦସ (ହଠାତ୍)
ହରିନେଲେ ହେଳେ କରିକି କେଡେ ହୁନ୍ଦର(କୌଶଳ)॥ ୭୬
ମାୟାବୀ ଅଶ୍ରପ (ରାକ୍ଷସ)ଏତେ ମାୟାକରି
ସନ୍ନ୍ୟାସୀ ବେଶରେ ଆସିଥିଲା ପ  ବଟୀ ।
ମତେ ନ ଦେଖିଲେ ପ୍ରାଣକାନ୍ତ ଦୁଃଖେ
ମୂର୍ଚ୍ଛିତ ହୋଇବେ ଫିଟିବନି ଆଖି ପାଟି ॥ ୭୭
ମେଘମାଳା ମହା ଦୁଃଖେ ଅଶ୍ରୁଧାରା
ବୁହାନ୍ତି ବରଷି ଗର୍ଜନ ତର୍ଜନ କରି ।
ସ୍ୱଃ(ଆକାଶ)ପଥେ ନିଶୀଥେ ଶମ୍ପା(ବିଜୁଳି)କି ଶମ୍ପୁଚି
ନିଘ   ନିର୍ଜନ ବନଭୂମି ଉଠେ ଥରି ॥ ୭୮
ରୁଦ୍ରରୂପ ଧରି ଗଗନ ପବନ
ମନ୍ଥନେ ମ  କି ମହାବଳି ବଳାହକ(ମେଘ) ।
କାଳଦଣ୍ଡ ଧରି କାଳର କରାଳ
ପ୍ରାୟକି କାଳିକା(ମେଘ)ତାଣ୍ଡବ ନୃତ୍ୟ ପ୍ରକୋପ ॥ ୭୯
ଉ  ାଳ ତରଙ୍ଗ ସିନ୍ଧୁ ଲହରୀ କି
ଉଠୁଛି ଆକାଶେ ଗରଜୁଛି କଳାନାଗ ।
ସ୍ତନିତ(ଘଡଘଡି)ଧ୍ୱନିତ ମହା ଭୀତିପ୍ରଦ
ଭୟଙ୍କର ଦୃଶ୍ୟ ଇନ୍ଦ୍ରକୋପ ରୁଦ୍ର ରାଗ ॥ ୮୦
ରାବଣ: ମଣିହରା ଫଣୀ ପରି ଫଁ ଅଁ ଫଁ ଅଁ
ହେଉଛି ମଘବା(ଇନ୍ଦ୍ର) ସ୍ୱର୍ଗସୁଖ ରାଜ୍ୟ ହାରି ।
ଲଙ୍କା ଲଙ୍କପତି  ବିନାଶ ଲାଗିକି
ଦିବସ ରଜନୀ ଜପୁଛି ଉଦ୍ଧାର ହରି ॥ ୮୧
କାଳମେଘ ଇଏ ମଘବା ପ୍ରକୋପ



ଶାନ୍ତି ନୋହିଲେ ଏ ଭୋଗିବ ଜଟାୟୁ ଦଶା ।
ମହାଶନି ଦଶା ବଳି କି ପ୍ରଚଣ୍ଡ
ଦଶାନନ କ୍ରୋଧ ଭସ୍ମ ହେବ ନିଶ୍ଚେ ରସା ॥ ୮୨
ସୀତା : ଦୟାବହି ସୀତା କହିଲେ ମେଘକୁ
ରୁଦ୍ରରୂପ ହରି ହୁଅ ଶାନ୍ତ କାନ୍ତ ସ୍ନିଗ୍ଧ ।
ନୋହିଲେ ଧରିତ୍ରୀ ଧ୍ୱଂସଲୀଳା ନାଶ
ମହା ଅପରାଧ ଲାଗିହେବ ପ୍ରାଣଦଗ୍ଧ ॥ ୮୩
ସୃଜ ପ  ବଟୀ ସୁରମ୍ୟ ବାଟିକା
ମଧ୍ୟେ ରାମରୂପ ନୀଳ କଳେବର ତନୁ ।
ଆନନ୍ଦ ସରସ କାନ୍ତ ଘନରସ
ବରଷ ହରଷେ ଦୁଃଖ ଶଙ୍କା ହର ମନୁ ॥ ୮୪
ଚନ୍ଦନ ଚର୍ଚ୍ଚିତ କସ୍ତୁରୀ ତିଳକ
ବନଫୁଲ ମାଳ ଜଟାଜୁଟ ପଦ୍ମମୁଖ ।
ସୁରଙ୍ଗ ଅଧର ପଦ୍ମନେତ୍ର ବେନି
ଦେଖିଲେ ସରାଗେ ମହାଭାଗ୍ୟ ମହାସୁଖ ॥ ୮୫
ରାବଣ ରଚିଛି ମାୟାବନ ଶୂନ୍ୟେ
ପ୍ରମାଦ ଗଣୁଛି ତା'ର ହଟକୂଟ ଦେଖି ।
ହେ ମେଘ ତମେ ଅଭୟ ଭରସା
ଏ ମହାବିପଦେ ପ୍ରାଣଗଲେ ତୁମେ ସାକ୍ଷି ॥ ୮୬
ପ  ବଟୀ ଦୃଶ୍ୟ ରାମଧନୁ(ଇନ୍ଦ୍ରଧନୁ)ରଙ୍ଗେ
ଜୀବନ୍ତ ଭାସ୍ୱର ସୃଜିଲେ ରହିବ ପ୍ରାଣ ।
କାନ୍ତ ବନବାସ ବ୍ରତ ମୁଁ ପାଳୁଛି
ସତୀଧର୍ମ ପାଳି ରଖ ମୋର ଟାଣପଣ ॥ ୮୭
ହେ ବନଗିରି ଲତା ପ୍ରଣାମ ଜଣାଏ

ଅଶ୍ରୁ ନ ଝରାଇ ହୁଅ ଶାନ୍ତ ସ୍ଥିତପ୍ରଜ୍ଞ ।
ରାମ ବନବାସ କଷଣ ମଣିଛି
ମହାଭାଗ୍ୟ ମୋର ଜାଣି ଏ ଜୀବନ ଯଜ୍ଞ ॥ ୮୮
ବିଧିର ବିଧାନ ବିଧି ପୁଣ୍ୟକର୍ମ
ଜୀବନ ସାଧନା ଦୁଃଖସୁଖ ସିଦ୍ଧି ପାଇଁ ।
ମାୟା ବନ୍ଧନରେ ଏ ଜୀବ ଜଗତ
ହୁଏ ଆତଯାତ ମଙ୍ଗଳ ସଙ୍ଗୀତ ଗାଇ ॥ ୮୯
ବିଷାଦ ଭାବନା ତେଜ ମନୁ ସର୍ବେ
ପ୍ରଫୁଲ୍ଲ ହରଷ ହୁଅ ପତ୍ରପୁଷ୍ପ ଫଳେ ।
ତୁମକୁ ଦେଖିଲେ ଅବସାଦ କ୍ଲେଶ
ଭୁଲି କି ଶ୍ରୀରାମ ମତେ ଉଦ୍ଧାରିବେ ବଳେ ॥ ୯୦
ଶିବଧନୁ ଭାଙ୍ଗି ନପାରି ନିରାଶେ
ଜାଣିଛି ରାବଣ ନାହିଁ ତାର ପୁଣ୍ୟବଳ ।
ମହାସତୀ ମୁହିଁ ଅନିଷ୍ଟ ଚିନ୍ତିଲେ
ମୁହୂର୍ତ୍ତେ ତାହାକୁ ଘୋଟିଯିବ ମହାକାଳ ॥ ୯୧
ଶାମ୍ବରୀ(ମାୟା)ବଳେ ଏ ଚୋରାଇ ନେଉଛି
ମହାଜ୍ଞାନୀ ହୋଇ ଧରି କି ସନ୍ନ୍ୟାସୀ ବେଶ ।
ଧୈର୍ଯ୍ୟଧର ତୁମେ କୃତକର୍ମ ଫଳ
କଳ୍ମଷ(ପାପ)ଭୋଗିବ ହେବ ତାର ପ୍ରାଣନାଶ ॥ ୯୨
ପ୍ରଣତି ଜଣାଏ ପିତାମାତା ବନ୍ଧୁ
ସଖୀସଖା ସର୍ବେ ଜନ୍ମଭୂମି ପ୍ରାଣପ୍ରିୟ ।
ସବୁଠୁ ସୁନ୍ଦର ନଦୀ ବନ ଗିରି
ଦେବାଳୟ ଗ୍ରାମ ରାଜବାଟୀ ମୋର ଲୟ ॥ ୯୩
କଳିନ୍ଦ(ଉର୍ବର)କ୍ଷେତରେ ସୁନାର କଳିନ୍ଦ(ସୂର୍ଯ୍ୟ)



ମେଘର ସୁଷମା ଦିଶେ ଦିବ୍ୟ ଶୋଭାଶାଳା ।
ନଭ ମଣ୍ଡଳରେ ଶୁଭ୍ର ଢଳ ଢଳ
ମୁକୁଟ ମଞ୍ଜୁଳ ମେଘରନ୍ କୁଞ୍ଜମାଳା ॥ ୯୪
ବିଧି ବାମ ଲାଗି ପୁଷ୍ପକ ବିମାନେ
ପ୍ରଥମ ମାନବ ନାରୀ ତନୁଶ୍ରୀକୁ ଧରି ।
ମାନବ ଜାତିର ମହାଗୌରବ ଏ
ଅପୂର୍ବ ସୃଜନ ଅଦ୍ଭୁତ ଉଡନ୍ତା ପରୀ ॥ ୯୫
ରାକ୍ଷସ ହୋଇ ଏ ଉନ୍ନତ ବିଜ୍ଞାନ
ମାୟାଶକ୍ତି ଜ୍ଞାନ ଲଭିଛି ସୁକର୍ମ ବଳେ ।
ସ୍ୱର୍ଣ୍ଣଲଙ୍କା ଗଢ଼ି ସ୍ୱର୍ଗକୁ ଜିଣିଛି
ମହା ବଳଶାଳୀ ପୁଣ୍ୟକୀର୍ତ୍ତି ଧରାତଳେ ॥ ୯୬
ଉଜ୍ଜ୍ୱଳ କୋମଳ ଲାବଣ୍ୟ ଐଶ୍ୱର୍ଯ୍ୟ
ଦେଖି ନୀଳତନୁ ନବଘନ କଳେବର ।
ପୁଞ୍ଜୀଭୂତ ରୋଷ ଶାନ୍ତ ଶୀତଳ
ପ୍ରଜ୍ଞା ପ୍ରାଣମୋର ଶୈଳଶୃଙ୍ଗ ପ୍ରାୟ ସ୍ଥିର ॥ ୯୭
ପାର୍ଥିବ ଶରୀର ନୁହେଁ ସବୁକିଛି
ମନଆତ୍ମା ମଣି କାନ୍ତଗୁଣ ହୃଦେ ଚିନ୍ତି ।
କରୁଣା କଟାକ୍ଷ ପଦ୍ମ ନୟନକୁ
ସ୍ମରଣେ ସାହସ ଛାଡିଯାଏ ଭ୍ରମ ଭ୍ରାନ୍ତି ॥ ୯୮
କ୍ରୋଧରେ କର୍ବୁର(ରାକ୍ଷସ) କି କ୍ଷତି କରିବ
ଶିବଧନୁ ଧରି ପାରିନାହିଁ ଯିଏ ଭାଙ୍ଗି ?।
ଜନକ ନନ୍ଦିନୀ ଯୋଦ୍ଧା ବୀରାଙ୍ଗନା
ରୋଦନ ବିଳାପ କରି ପଡିନାହିଁ ଭାଙ୍ଗି ॥ ୯୯
କାଙ୍ଗାଳୀ କର୍ମଳୀ(ଭିକ୍ଷୁକ)କପଟେ ଚୋରାଇ

ନେଉଛି ଯେ'ଜାଣେ ତାର ବୁଦ୍ଧିବିଦ୍ୟା ବଳ ।
ମାୟା ମନ୍ତ୍ରକରି ବନ୍ଧନ କରିଛି
ନୋହିଲେ ମୋ ହସ୍ତେ ଭେଟିବ ସେ ମହାକାଳ ॥ ୧୦୦
ସୁନ୍ଦରୀ ପଣରେ ବ୍ରହ୍ମାଣ୍ଡ ସୁନ୍ଦରୀ
ବୀରାଙ୍ଗନା ଜାଣି ଜନକ ପ୍ରାଣ ଦୁଲଣୀ ।
ଆସିଥିଲା ଏତେ ଦୂର ପଥ ଉଡି
ସ୍ୱର୍ଣ୍ଣଲଙ୍କା ଛାଡି ସ୍ୱୟମ୍ବରେ ଲଙ୍କମଣି ॥ ୧୦୧
ମହା ବିପଦରେ ନୁହଁଇ କାତର
ମୃତ୍ୟୁ ଭୟ ନାହିଁ ନିର୍ଭୟା ମୋ ମନପ୍ରାଣ ।
ରଣେ ବୀରଗତି ବିଜୟ ଯାହାର
ପୁଣ୍ୟ ଲକ୍ଷ୍ୟ କାମ୍ୟ ବଜ୍ରଠାରୁ ସିଏ ଟାଣ ॥ ୧୦୨
ନାରୀ ତନୁ ନୁହଁ ଲାବଣ୍ୟ ମେଖଳା
ମାଂସରନ୍ ହାର କରିବ ସେ ଗଳାମାଳା ।
ମିଥିଳାର ମାଟି ଫଟାଇ ଜନ୍ମିଛି
ବହ୍ନିକନ୍ୟା ମୁହିଁ ବସୁନ୍ଧରା ବୀରବାଳା ॥ ୧୦୩
ନୋହିଲେ ଲକ୍ଷ୍ମଣ ଗଲାବେଳେ ନିଷ୍ଟେ
ଯାଇଥାନ୍ତି ଧାଇଁ ବିପଦ ଆଶଙ୍କା ଜାଣି ।
ନିଜର ସୁରକ୍ଷା କିଏ ବା ପାଶୋରୀ
ଦେବ ବିପଦରେ କାନ୍ତମଣି ସ୍ୱର ଶୁଣି ?॥ ୧୦୪
ଲକ୍ଷ୍ମଣ ଗାରକୁ ଟାଣିଲା ମାଟିରେ
ନିଜ ସନମାନ ଶ୍ରୀରାମ ନିର୍ଦ୍ଦେଶ ପାଳି ।
ଲକ୍ଷ୍ମଣ ଗଲେବି ଏ ଲକ୍ଷ୍ମଣ ରେଖା
ଜାନକୀ ସୁରକ୍ଷା ଲାଗି ଅଟେ ମହାବଳି ॥ ୧୦୫
ଲକ୍ଷ୍ମଣ ନିଜକୁ ଅସହାୟ ମଣି
ଗାର ଟାଣିଥିଲା ଧିକ ଦୈବ କୂଟ ଜାଣି ।
ଯୋଗୀରାଜ ହୋଇ ଲିଭାଇଲା ହାତେ
ଶକ୍ତିରେଖା ତିନି ମହାଶକ୍ତି ଅଛି ଜାଣି ॥ ୧୦୬
ଯଦି ଏ ବନରେ ମାୟାବୀ ରାକ୍ଷସ
ଆସିଥିବ ଏଠି ଯୋଗୀ ବେଶେ ଥାଳଧରି ।
ଅଥବା ସନ୍ନ୍ୟାସୀ ସିଦ୍ଧି ନଲଭି କି
ଆସିଥିବ ଯଦି ପଥହୁଡି ଭିକ୍ଷାକରି ॥ ୧୦୭
ଶୁଣୁଶୁଣୁ ଦେଖି ଲକ୍ଷ୍ମଣ ରେଖାକୁ
ଛାଡି ପଳାଇବ ବିପଦ ଆଶଙ୍କା କରି ।
ଯେତେ ମୁଁ କହିଲେ ଭିକ୍ଷାନିଅ ଫେରି
ଭିକ୍ଷାନେବେ କ'ଣ ବାହୁଡିବେ ଡରିମରି ?॥ ୧୦୮
ଏକା ଲଙ୍କପତି ରାକ୍ଷସ କୁଳରେ
ସନ୍ନ୍ୟାସୀର ସିଦ୍ଧି ଲଭିଛି ଜାଣିଛି ମୁହିଁ ।
ସେ ଯେ ଆସିଥିବ ସେନା ସାମନ୍ତଙ୍କୁ
ଛାଡି ଏକୁଟିଆ କଳପନା କରିନାହିଁ ॥ ୧୦୯
ଲକ୍ଷ୍ମଣଗାର କୁ ଲିଭାଇ ତତ୍କାଳ
ଚତୁର ରାବଣ ଛାଡିନାହିଁ ଯୋଗୀ ବେଶ ।
ଶତସିଂହୀ ଶକ୍ତି ଅଛି ମୋ ତନୁରେ
ବୀରାଙ୍ଗନା ବାଳା ଶକ୍ତିମୟୀ ତେଜଯଶ ॥ ୧୧୦
ଯୋଗୀବର ନିଜ ହାତେ ଲିଭାଇଲା
ଲକ୍ଷ୍ମଣ ଗାରକୁ ଧନ୍ୟଦେଖି ମୋର ଆଖି ।
ସିଦ୍ଧଯୋଗୀ ଇଏ ଭିକ୍ଷାଦେଲେ ନିଷ୍ଟେ
ମଙ୍ଗଳ ହୋଇବ ଥିଲେ ଧର୍ମଦେବ ସାକ୍ଷି ॥ ୧୧୧
ଲକ୍ଷ୍ମଣ ଦେଖିଲେ ରାମ ସୁରକ୍ଷିତ

ହରିଣ ବଧିକି ଫେରୁଛନ୍ତି ଖରତରେ ।
ରାମଦେଖି ଦୁଃଖେ କହିଲେ ତୁରିତେ
ଚାଲ କୁଟୀରକୁ ସୀତା ଥିବେ ଏକା ଡରେ ॥ ୧୧୨
ଦେଖିଲେ କୁଟୀର ବାହାରେ ପଡିଛି
ଜାନକୀ ପୟର ଚିହ୍ନ କେଉଁ ଦାନବ ର ।
ବଡବଡ ପାଦ ଚିହ୍ନ ଦେଖି ମନେ
ପ୍ରମାଦ ଗଣନ୍ତି ଆଶଙ୍କାରେ ଥରଥର ॥ ୧୧୩
ମହାରୋଷେ ରାମ ଲକ୍ଷ୍ମଣ ଭ୍ରମନ୍ତି
ଚଉଦିଗେ ଖେଦି ନଦେଖି ସେ ପାଦଚିହ୍ନ ।
ମାୟାବଳେ କେଉଁ ଅମ୍ବଲୁଷ(ରାକ୍ଷସ) ନିଶ୍ଚେ
ଉଠାଇ ନେଇଛି ଭୁଲାଇ ବୈଦେହୀ ମନ ॥ ୧୧୪
ଦେଖିଲେ ଦୂରରେ ପୁଷ୍ପମାଳ ଛିଡି
ଖଣ୍ଡଖଣ୍ଡ ହୋଇ ପଡିଛି ଦକ୍ଷିଣ ଦିଗେ ।
ମେଘ ରଥରୂପେ ମାଳମାଳ ହୋଇ
ଉଡନ୍ତି ଅମ୍ବରେ ଦିଗବାରି ସେହି ଦିଗେ ॥ ୧୧୫
ଦେଖି ଦୁଇଭାଇ ଆଚମ୍ଭିତ ହେଲେ
କୁଟୀର କାନ୍ଥରେ ଯୋଗୀବେଶ ଚିତ୍ରଛବି ।
ମେଘ ରୂପଛବି ନଭ ମଣ୍ଡଳରେ
ଦିଶୁଥିଲା ଦୂରେ ଦଶମୁଖୀ ବନଯୋଗୀ ॥ ୧୧୬
ଅସମ୍ଭବ ଲାଗେ ଦଶାନନ କଣ
ଆସିଥିଲା ଦୂରୁ ଭିକ୍ଷାଲାଗି ଧରି ଥାଳ ?।
ମହାଜ୍ଞାନୀ ଗୁଣୀ ମହାବୀର ଯୋଦ୍ଧା
ହୋଇକି ଆସିବ ଛାଡି ସ୍ୱର୍ଣ୍ଣ କରବାଳ ?॥ ୧୧୭
ଏ କେଉଁ ମାୟାବୀ ଅଶ୍ରପ(ରାକ୍ଷସ)ର କାଣ୍ଡ
ଲୁଚାଇ ରଖିଛି ଜାଣେ ଏଠି କେଉଁ କୋଣେ ?।
ହେ ସୌମିତ୍ରି ଚାଲ ସନ୍ଧାନ କରିବା
ସୀତାଙ୍କୁ ଆଣିବା ଆଖପାଖ ଖୋଜି ବଣେ ॥ ୧୧୮
ଅଦୂରେ ପଡିଛି ଫଳମୂଳ ଡାଲା
ଦକ୍ଷିଣ ଦିଗକୁ ଅଗଣାରେ ବନଫୁଲ ।
ପିନ୍ଧିଥିଲେ ଫୁଲ ହାରକୁ ଯତନେ
ଗଳାରେ ମଥାରେ ଦିଶୁଥିଲା ଝଲମଲ ॥ ୧୧୯
ରାମ: ଯୋଗୀରୂପ ଧରି ଯେ ନେଇଛି ଧରି
ଦୁର୍ବୃ   ରାକ୍ଷସ ଯୋଗୀକୂଳ ନିନ୍ଦାକରି ।
ଯୁଗଯୁଗ ଲାଗି ଯୋଗୀ ଅପକୀର୍
ଘୋଷିବ ଜଗତ ଯିବେ ବନ ତ୍ୟାଗକରି ॥ ୧୨୦
ଲକ୍ଷ୍ମଣ: ଲକ୍ଷ୍ମଣ ରେଖାକୁ ଲିଭାଇବା ଶକ୍ତି
ରହିଛି ଯାହାର କପର୍ଦ୍ଦୀ(ଶିବ)କରୁଣା ଲଭି ।
ମହାଜ୍ଞାନୀ ଗୁଣୀ ମହାଶକ୍ତିଶାଳୀ
ମହାବଳୀ ଯୋଦ୍ଧା କ'ଣ ନାରୀମାଂସ ଲୋଭୀ ?॥ ୧୨୧
କଳେବଳେ ଛଳେ କପଟେ ଭୁଲାଇ
ନେଇଛି ବୈଦେହୀ କରିବାକୁ ପାଟରାଣୀ ।
ହିଂସାକରି କ୍ଷତି କରିନି ନୋହିଲେ
ବିନ୍ଦୁ ବିନ୍ଦୁ ରକ୍ତ ପଡିଥାନ୍ତା ଗଣି ଗଣି ॥ ୧୨୨
ରାମ: ଜନକ ନନ୍ଦିନୀ ମନକୁ ଭୁଲାଇ
ପାରିଛି ଯେ ନିଶ୍ଚେ ମହାବଳୀ ପୁଣ୍ୟବାନ୍ ।
କହିଲା କି ତାର ଜନମ ବୃ ାନ୍ତ
ମାଟିରୁ ଜନମ ଧରିକି ଲଙ୍ଗଳ ମୁନ ? ॥ ୧୨୩
ମ   ଗର୍ବେ ରାମ ମହା ଶକ୍ତିଶାଳୀ

ପର୍ଶୁରାମ କଳା ହରଣ ବୃ ାନ୍ତ ଶୁଣି ।
ଧିକାରୀ ଥିଲା କି ପ୍ରାଣକୁ ତାହାର
ହାତଧରି ହାୟ ଶିବଧନୁ ସ ˊ ଜାଣି ॥ ୧୨୪
ଗୋଲକ ଧନ୍ଦା ଏ ଲାଗୁଥିଲା ଯୁକ୍ତି
ଚିହ୍ନବର୍ଣ୍ଣ ଖୋଜି ଦିଶୁଥିଲା ମେଘ ମୌନ ।
ମ୍ଳାନ ବଦନରେ ମହାଦୁଃଖ ଭରେ
ଭାଗ୍ୟକୁ ନିନ୍ଦନ୍ତି କାନ୍ଦି ଦୁହେଁ ଅଶ୍ରୁସ୍ନାନ ॥ ୧୨୫
ସୀତା ହାତଧରି ହରିନେବା ଦୃଶ
ନିଶ୍ଚେ ଦେଖିଥିବେ ବନଲତା ବୃକ୍ଷ ମେଘ ।
ବୀରବାଳା ହୋଇ ପ୍ରତିରୋଧ ଲାଗି
ପାଇନି ସମୟ ଡରେନାହିଁ ଦେଖି ବାଘ ॥ ୧୨୬
ଅଦ୍ଭୁତ ଦୃଶ୍ୟ ଏ ବରଷାର ଧାରା
ବାଟ କି ମାଟିରେ ଚଉଦିଗ ଶୁଷ୍କ ଥାଇ ।
ସେହିପଥ ପରେ ଆକାଶ ମଣ୍ଡଳେ
ମେଘବି ଲମ୍ବିଛି ଦିଗପଥେ ନଦୀହୋଇ ॥ ୧୨୭
ଶୋକ ରୋଳ କରି ଦଳଦଳ ପକ୍ଷୀ
ଉଡନ୍ତି ଆକାଶେ ଲମ୍ବ ଦଉଡିଟେ ହୋଇ ।
ସେହିପଥେ କେତେ ତରୁ ପତ୍ର ଝଡି
ଝାଉଁଳି ପଡିଛି ଉ ଘ ଉଟ(ତୃଣ)ନଇଁ ॥ ୧୨୮
ପଶୁପ୍ରାଣୀ ମିଳି ଧାଆନ୍ତି ସେ ଦିଗେ
ଦଳଦଳ ହୋଇ ପରସ୍ପର ଦୁଃଖେ ଚାହିଁ ।
ଶାଖାମୃଗ(ମାଙ୍କଡ)ଶାଖା(ଡାଳ)ଶାଖୀ(ଗଛ)ଭାଙ୍ଗିଫିଙ୍ଗି
ସେଇପଥେ କେତେ ସୀତାଙ୍କ ସୂଚନା ଦେଇ ॥ ୧୨୯
ସେ'ତ ଦୟାମୟୀ ପଶୁପକ୍ଷୀ ପ୍ରିୟ
ପ୍ରିୟଜନ ଦୁଃଖେ ବସିଛନ୍ତି ମୌନହୋଇ ।
ଧନ୍ୟ ତୁମଦୁଃଖ ବେଦନା ବିଳାପ
ଶୋକ ସନ୍ତାପିତ ବନର ଅତିଥି ପାଇଁ ॥ ୧୩୦
ହଠାତ୍ ପିମ୍ପୁଡି ଦେଲାକି କାମୁଡି
ରୁଟ୍‌କିନା ଦେଖି ଆଶ୍ଚର୍ଯ୍ୟ ଚକିତ ଚି ।
ଦୁଇଧାର ଜନ୍ଦା ପିମ୍ପୁଡି ଚାଲନ୍ତି
ସେ ପଥ ଜାଣି କି ସର୍ବପ୍ରାଣ ବିଷାଦିତ ॥ ୧୩୧
ସେ ପଥ ହୁଡି କି ଅନ୍ୟଦିଗେ ଗଲେ
କଜଳପାତିଆ କାଉ ମିଳି ମହାକଳି ।
ସୀତାଙ୍କ ସନ୍ଧାନେ ଘୋର ଦୁଃଖେ ବନେ
ମେଳି ବାନ୍ଧିଛନ୍ତି ପଶୁପକ୍ଷୀ ପ୍ରାଣୀ ମିଳି ॥ ୧୩୨
ବ୍ୟାଘ୍ର ସିଂହ ସାଥେ ହରିଣ ଧାଆନ୍ତି
ଧୀରେ ଧୀରେ ଦୂରେ ସେଇପଥ ମାଡିମାଡି ।
ମେଳିହୋଇ ହାତୀ ଛିଡା ହୋଇଛନ୍ତି
ପାହାଡ ପରାୟ ଦକ୍ଷିଣ ଦିଗକୁ ଛାଡି ॥ ୧୩୩
କାଳେ କି ସନ୍ଦେହ ଯୁକ୍ତିତର୍କ କରି
ଦୁଇଭାଇ ଦୁଇ ଦିଗେ ଯିବେ ପଥ ହୁଡି ।
ମୌନବ୍ରତ ଧରି ଛିଡା ହୋଇଛନ୍ତି
ଅଟଳ ମେରୁ କି ଦେବେ ନାହିଁ ପଥ ଛାଡି ॥ ୧୩୪
ରାମ: ହେ ମୋର ପ୍ରିୟ ବନ ତରୁତୃଣ
ପଶୁପକ୍ଷୀ ମେଘ ଦେଖାଅ ଜାନକୀ ପଥ ।
ନୋହିଲେ ଏ ପ୍ରାଣ ଛାଡିଯିବ ମୋର
ପିତୃସତ୍ୟ ପାଳି ଏଠାକୁ ଆସିଛି ସତ୍ୟ ॥ ୧୩୫
ସବୁ ସୂଚନା କୁ ଶୁଭଙ୍କର ମଣି

ଚାଲନ୍ତି ସତ୍ୱର ଆନନ୍ଦ ବିଷାଦ ହୋଇ ।
ଆଗେ ଆଗେ ଧାଏଁ ଶ୍ୱାନକୁଳ ପଛେ
ନେଉଳ ଗୁଣ୍ଡୁଚି ସୀତାପଥ ଦେଖି ଚାହିଁ ॥ ୧୩୬
ଖଣ୍ଡେ ଦୂର ଯାଇ ଦେଖିଲେ ପଡିଛି
ଜଟାୟୁ ଭୂମିରେ ପକ୍ଷ ଛିଡି ଖଡ୍‌ଗ ଚୋଟେ ।
କହିଲା ଇନ୍ଦ୍ରାରି(ଦୈତ୍ୟ)ରାବଣ ନେଇଛି
ସୀତାଙ୍କୁ ରଥରେ ଯୁଦ୍ଧକରି ହାରି ଲୋଟେ ॥ ୧୩୭
କୃପା ନେତ୍ରମଣୀ ଦିଅ ମତେ ମୁକ୍ତି
ପକ୍ଷୀ ଜନମରୁ ଅସହ୍ୟ ମରଣ କଷ୍ଟ ।
ଖ-ତମାଳ(ମେଘ)ପଥ ଇକ୍ଷଣ(ଦର୍ଶନ) ଲକ୍ଷଣ
ପ୍ରାଣ ମୋ ରଖିଛି ପୂରିବ ତୁମ ଅଭୀଷ୍ଟ ॥ ୧୩୮
ସୀତା: ଶ୍ରୀରାମଙ୍କ ସାଥେ ଆସିଥିଲି ବନେ
ବନବାସ ଯୋଗ ଭାବୁଥିଲି ମହାଭାଗ୍ୟ ।
ଏବେ ବନରେ ମୁହିଁ ଗଗନରେ
ତାଙ୍କ ବିନା କ୍ଷଣେ ବନବିନା ପ୍ରାଣ ଯିବ ॥ ୧୪୩
ରାବଣ: ସ୍ୱର୍ଣ୍ଣଲଙ୍କା ପୁରେ ଅଶୋକ ବନରେ
ରଖିବି ତୁମକୁ ମହାରାଣୀ ସୁଖ ଚିନ୍ତି ।
ସେ ଆସିବା ଯାଏ ତୁମେ ସୁରକ୍ଷିତ
ସେବାରେ ସହସ୍ର ଦାସୀ ଏ ଖଟିବେ ନିତି ॥ ୧୪୪
ଭଉଣୀ ଯେପରି ପ୍ରୀତି ବିରହରେ
ନାକକାଟି ଭୋଗେ ଲଜ୍ଜା ନିନ୍ଦା ଲୋକହସା ।
ତୁମଠାରୁ ଦୂରେ ଶ୍ରୀରାମ ଲକ୍ଷ୍ମଣ
ବୁଝନ୍ତୁ ସେ ଦଶା ପ୍ରୀତିପୀଡା ହୃଦ ଭାଷା ॥ ୧୪୫
ସ୍ୱୟମ୍ବର କାଳେ ଶିବଧନୁ ଭାଙ୍ଗି



ନପାରି ଭୋଗିଲି ଘୋରଦୁଃଖ ପ୍ରାଣେ ଲଜ୍ଜା ।
ସ୍ୱୟମ୍ବର ନୁହେଁ ମାୟା ଷଡଯନ୍ତ୍ର
ସ୍ୱର୍ଗଜୟୀ ଜାଣି ନିନ୍ଦିବେ ମୋ ଦେଶ ପ୍ରଜା ॥ ୧୪୬
ତୁମଲାଗି ସିନା ହେଲି ନାହିଁ ଯୋଗ୍ୟ
ସୁର୍ପଣଖା କଣ ନୁହେଁ ରାମପ୍ରୀତି ଯୋଗ୍ୟ ?
ସ୍ୱୟମ୍ବର କାଳେ ହେଲି ଶକ୍ତି ଶୂନ୍ୟ
ରାମଦଣ୍ଡ ଆମେ ଭୋଗୁଛୁ ଆମରି ଭାଗ୍ୟ ॥ ୧୪୭

ସୀତା ସୁରକ୍ଷିତ ବସିଥିଲେ ରଥେ
ମ୍ଳାନ ବଦନରେ ସ୍ଥିତପ୍ରଜ୍ଞ ସ୍ଥିର ଚି ।
ତୁମ ଶ୍ରୀଚରଣ ଅଭୟ ଆଶ୍ରୟ
ଆଶଂସା(ଆଶା)ମଣି କି ସୁପ୍ରସନ୍ନ ପ୍ରତିଭାତ ॥ ୧୩୯
ମହାକୋପେ କ୍ଷୁବ୍ଧ କୋଦଣ୍ଡଧାରୀ କି
ମାରିଲେ କାଦମ୍ବ(ଶର)ଶରବନ୍ଧ ଗଲା ମାଡି ।
ଦେଖିଲା ରାବଣ ପୁଷ୍ପକ ବିମାନ
ପଛେ ମେଘରଥ ମେଘପଥେ ଶରବଢି ॥ ୧୪୦
ମେଘରୂପ ଧରି ସେ ପଥେ ଆସନ୍ତି
ପଶୁପକ୍ଷୀ ପ୍ରାଣୀ ଚୋର ଚୋର କହି ସର୍ବେ ।
ଏ କ'ଣ ସହସ୍ର ରାମରୁଦ୍ର ମୂର୍ତ୍ତି
ମେଘପଥେ ଉଡି ଆସୁଛନ୍ତି ମହାସ୍ୱର୍ଗେ ॥ ୧୪୧
ରାବଣ: ମହାଭୟ ପାଇ କହିଲା ରାବଣ
ହେ ମହାସତୀ ଦୟାକର କ୍ଷମାକର ।
ରାମ ରୁଦ୍ର ମୂର୍ତ୍ତି କୋପ ଶାନ୍ତହେଉ
ସଙ୍କଳ୍ପ କରୁଛି କ୍ଷତି କରିବିନି କା'ର ॥ ୧୪୨

ତୁମେ କିଛି କ୍ଷତି କରିନ ଆମ୍ଭର
        ନାହିଁ ହିଂସା ଦ୍ୱେଷ ଆମମନେ ତୁମପାଇଁ ।
ଏଡିକି ନିଷ୍ଠୁର ଦୁଇଭାଇ ହାୟ
        ନାକକାଟି ଦେବେ ଟିକେ ଦୟାମାୟା ନାହିଁ ॥ ୧୪୮
ଜାଣିତ ନଥିଲୁ ଆସିବେ ଶ୍ରୀରାମ
        ସ୍ୱୟମ୍ବର କାଳେ ଭାଙ୍ଗିବାକୁ ଶିବଧନୁ ।
କେଉଁ ଋଷିବର କଥାରେ ଭଳି ଏ
        ଆସିଲେ ସହସା ଭୁଲିନାହୁଁ କେହି ମନୁ ?॥ ୧୪୯
ଶିବଧନୁ ଭାଙ୍ଗି ଚୂନକାଳି ଦେଲେ
        ସମସ୍ତ ରଜାଙ୍କୁ ନାକକାଟି ଦେଲେ ଭାବେ ।
ସୁନ୍ଦରୀ ଝିଅକି ନଥିଲେ ସଂସାରେ
        ଷଡଯନ୍ତ୍ର କରି ପରାଭବ ଦେଲେ ଭବେ ॥ ୧୫୦
ପ୍ରୀତି ପାଗଳିନୀ ଅବାଧ୍ୟ ହୋଇଲା
        ବାନ୍ଧି ରଖିଲେନି ଯଦି ଥିଲା ଭଲ ବୁଦ୍ଧି ।
ଏ ମର ସଂସାରେ ଏତେ ନିର୍ଯାତନା
        ଭୋଗିଛି କେ କେବେ ଲେଖିଥିଲା ବସି ବିଧି ॥ ୧୫୧
ରାମକୁ ବସାଇ ବିଧିକୁ ପାହାରେ
        ନଦେଲେ ଜୀବନେ ମିଳିବନି ଟିକେ ଶାନ୍ତି ।
ପ୍ରୀତି ଆଶାକରି ଏମିତି ନିଷ୍ଠୁର
        ଦଣ୍ଡ ନୁହେଁ ଶାସ୍ତି ଲେଖିଥିଲା ମନ୍ଦ ଚିନ୍ତି ॥ ୧୫୨
ମାୟାରେ ସୃଜିଲା ବନଲତା ଶୂନ୍ୟେ
        ଆଚମ୍ଭିତ ସୀତା ଦେଖିଣ ଆକାଶ ପଥେ ।
ବନ ଭୁବନ କି ଉଡିଉଡି ଯାଏ
        ପୁଷ୍ପକ ବିମାନ ଆଗେଆଗେ ସାଥେସାଥେ ॥ ୧୫୩

ଦେଖି ପ ବଟୀ ରାମରୁଦ୍ର ରୂପ
        ପ୍ରଶମିତ ହେଲା ଅପସରି ଗଲା କ୍ଷଣେ ।
ଶ୍ରୀରାମ ଜାଣିଲେ ସୀତା ସୁରକ୍ଷିତ
        ରାବଣ ଉଦ୍ଦେଶ୍ୟ ଆମକୁ ଦେଖିବ ରଣେ ॥ ୧୫୪
ବ୍ୟୋମକୋଳେ ବନ ଭୁବନ ସୃଜି ଏ
        ଦେଖାଏ କରିସ୍ମ୍ନା କହୁଛି କି କେତେ ଛଳେ ? ।
ପିତୃସତ୍ୟ ଭଗ୍ନ ହେବ ସିନ୍ଧୁପଥେ
        ନ ସୃଜିଲେ ବନ ବନ୍ଧବାନ୍ଧି ଶକ୍ତିବଳେ ॥ ୧୫୫
ଶିବଧନୁ କାଳ ହୋଇଛି ତାହାର
        ଜଳୁଛି ଇର୍ଷାରେ ଦିବାରାତି ହଳାହଳ ।
ସ୍ୱର୍ଗଜୟୀ ହୋଇ ହୋଇଲା ନିର୍ବଳ
        କାହା ମାୟା ଲାଗି ହଜିଗଲା ବଳକଳ ?॥ ୧୫୬
ବାଳୀ ବଧି ରାମ ସୁଗ୍ରୀବ ସଙ୍ଗତେ
        ଜାମ୍ବବାନ ନଳ ବାନର **ଭଲ୍ଲୁକ** ସାଥେ
କପୀନ୍ଦ୍ର(ହନୁମାନ୍)ଅଙ୍ଗଦ ପ୍ରିୟଜନ ଘେନି
        ଲଙ୍କାଜୟ ଲାଗି ବନ୍ଧବାନ୍ଧି ସିନ୍ଧୁ ପଥେ ॥ ୧୫୭
ସୃଜିଥିଲେ ଧନ୍ୟ ତରୁତୃଣ କେତେ
        କାନ୍ତାର କୁଧର(ପର୍ବତ)ଭାସୁଥିଲା ଠାବେଠାବେ ।
ରାମେଶ୍ୱର ପୂଜି ପଶିଲେ ସାଗରେ
        ସେତୁବନ୍ଧ ଦେଇ ଅସମ୍ଭବ ଥିଲା ଭବେ ॥ ୧୫୮
ସେତୁବନ୍ଧ ସତ୍ୟ ସମୁଦ୍ର ପଥରେ
        ଭାସୁଛି ପଥର ହସୁଛନ୍ତି ସୂର୍ଯ୍ୟ ଚନ୍ଦ୍ର ।
ବନଲତା ପୁଷ୍ପ ଫୁଟିକି ବାସୁଛି
        ପିତୃସତ୍ୟ ପାଳି ସତ୍ୟସନ୍ଧ ରାମଚନ୍ଦ୍ର ॥ ୧୫୯

ଅସମ୍ଭବ ଦେଖି  ସମ୍ଭବ ଧରାରେ
ଦଶାନନ କ୍ଷୁବ୍ଧ ଆଚମ୍ବିତ ଅସମ୍ଭାଳ ।
ଦ୍ୟୁଲୋକ ଦ୍ୟୋତକ ନୀଳ କଳେବର
ଶାନ୍ତସୌମ୍ୟ ରୂପ ଏ'କି ବିଧାତା ସୃଜନ ବଳ ?॥ ୧୬୦

## ମେଘ ମହିମା

ମେଘ ସୃଜିଥିଲା ଦିବ୍ୟ ରାମରୂପ
ଅଶୋକ ବନରେ ନୀଳ ଐଶ୍ୱର୍ଯ୍ୟକୁ ବହି ।
ଦର୍ଶନେ ଜାନକୀ ଚିତବୃ ି ପ୍ରୀତ
ସ୍ୱତଃ ଅଭିଭୂତ ଧନ୍ୟ ମେଘ ସ୍ୱର୍ଗଦେହି ॥ ୧୬୧
ରୁଞ୍ଜା(ସୁନ୍ଦର)ରୁଚିର ହୃଦୟ ରଞ୍ଜକ
ହେ ମେଘ ତୁମେ ଦୟାକର ଦୟାବହି ।
ବନ ପରବତ ତଟିନୀ ସମୁଦ୍ର
ଗ୍ରାମ ରାଜ୍ୟଦେଶ ମହିମା ମଣ୍ଡିତ ମହି ॥ ୧୬୨
ଦେଖାଅ ରାମଙ୍କୁ ଅଶୋକବନ କୁ
ଦିଅ ମୋ ସନ୍ଦେଶ ପୂଜାବିଧି ଦେବକର୍ମ ।
ବିଷାଦ ଆଶଙ୍କା ତେଜି ରଘୁବୀର
ମଙ୍ଗଳ ବିଧାନ ବିଧିମାର୍ଗେ ପାଳି ଧର୍ମ ॥ ୧୬୩
ରାମ ମୁଖ(ଶୋଭା) ମଙ୍ଗଳ ମୂରତୀ
ଜୀବନ୍ତ ପ୍ରତୀତ ଦେଖି ହୃଦ ପ୍ରାଣ ଶାନ୍ତ ।
ଦେଶବାସୀ ଦୁଃଖ ସୁଖ ଭାବନାରେ
ବେଳଯାଉ ବିତି ସ୍ମରି ଗୁଣମଣି କାନ୍ତ ॥ ୧୬୪
କରୁଣା ବିଧାନ କୃପା କଳେବର
ବୈକୁଣ୍ଠ କୈବଲ୍ୟ କୃପାସିନ୍ଧୁ ଅବତାର ।



ତାଙ୍କ ପାଦରେଣୁ ଧୂଳିକଣା ଧରି
ବରଷ ମୋ ପାଶେ ମୁହିଁ ଅକି  ନ ଛାର ॥ ୧୬୫
ପଦ୍ମତନୁ ଗନ୍ଧ ସୁବାସ ମହକ
ବୋହିଆଣ ସଦା ମହକୁ ସମୀର ମାଟି ।
ତାଙ୍କ ଶବ୍ଦସ୍ୱର ଆନନ୍ଦ ମୂର୍ଚ୍ଛନା
ଶୁଭୁ ମୋ କାନରେ ପ୍ରାଣ ହୁଏ ଛାଟିପିଟି ॥ ୧୬୬
ଦୂରେ ରହି ପାଶେ ରହିବୁ ଲାଗିବ
ବିଚ୍ଛେଦ ଭାବନା ବ୍ୟଥା ନ ପାରିବ ଛୁଇଁ ।
ବିଧି କର୍ମ ପଥେ ସାହସ ଧରିକି
ସଂସାର ସାଧନା ଆନନ୍ଦେ କରିବା ପାଇଁ ॥ ୧୬୭
ମେଘ ଶୈଶବ ମେଘ ଯୌବନ
ମେଘକବି ମେଘ ଚିତ୍ରକର ରୂପକାର ।
ମେଘମାଟି ମେଘ ମେଘର ମୂଳକ
ମେଘରତୁ ମାସ କରୁଣାର୍ଦ୍ର କଳାକାର ॥ ୧୬୮
ମେଘର ମହିମା ସ୍ୱର୍ଣ୍ଣପ୍ରସୂ ଧରା
ପୁତ୍ର ପୁଷ୍ପଫଳ ରସମୟ ପ୍ରୀତ ପ୍ରାଣ ।
ସୁଜଳା ସୁଫଳା ଶ୍ୟାମଳ ଶୀତଳ
ସ୍ୱର୍ଗ ଶୋଭାଶାଳା ସୃଜନ ସୁନ୍ଦର ପଣ ॥ ୧୬୯
ଇରା(ମେଘ) ଝରାପୁଷ୍ପ ଦିବ୍ୟ ଘନରସ
କ୍ଷୀରନୀର ଅମ୍ବୁ ଜୀବନ ଭୁବନ ବନ ।
ଅମୃତ ସଲୀଳ ବାରିଧାରା ବର୍ଷା
ଆନନ୍ଦ ଉଚ୍ଛଳ ଜଳ ସ୍ପର୍ଶ ପୁଣ୍ୟସ୍ନାନ ॥ ୧୭୦
ମେଘଲାଗି ସାରା ସଂସାର ସୁନ୍ଦର
ଐଶ୍ୱର୍ଯ୍ୟ ସମ୍ଭାର ଧରି କୋଳେ ବସୁନ୍ଧରା ।

ସର୍ବସଂହା ହୋଇ ସବୁରି କଲ୍ୟାଣେ
        ସମର୍ପି ଦେଇଛି ଚିର ଆପଣାର ପରା ॥ ୧୭୨
ସ୍ତୁତି କରୁଛନ୍ତି ସୂର୍ଯ୍ୟ ଚନ୍ଦ୍ର ତାରା
        ପୁଷ୍ପ ବର୍ଷୁଛନ୍ତି ଆନନ୍ଦ ଭୁବନ ଦେଖି ।
ଅବତାର ଧରି ଆସନ୍ତି ଧରାକୁ
        ପ୍ରଭୁ ଲୀଳା ଲାଗି ବିଭୋର ପ୍ରୀତିରେ ଲାଖି ॥ ୧୭୩
ମେଘ ରୂପଧାରୀ ମେଘରୂପେ ହରି
        ଅତୀବ ସୁନ୍ଦର ବିଶ୍ୱ ବିମୋହନ ରୂପ ।
ମନ୍ତ୍ରମୁଗ୍ଧ ଦେଖି ଦେବ ମହେଶ୍ୱର
        ମିହି ମିହ(ମେଘ)କାନ୍ତି ବଦନରେ ଭସ୍ମଲେପ ॥ ୧୭୪
ମନକଥା ଜାଣି ନାରାୟଣ ହରି
        ଆର୍ବିଭୂତ ହୋଇ ଦେଲେ ମେଘେଶ୍ୱର ନାମ ।
ଏକାମ୍ର କ୍ଷେତ୍ରରେ  ପୂଜା ପାଉଛନ୍ତି
        ମେଘ ନାମଯଶ  ବହି ଧନ୍ୟ ଧରା ଧାମ ॥ ୧୭୫
ମେଘ ପୁଣ୍ୟ ଯଶ ନାମର ମହିମା
        ଦଶାନନ ସୁତ ମହାବଳି ମେଘନାଦ ।
ମହାମେଘ ବାହାନ ଐର ଖାରବେଳ
        ଉପାଧି ଭୂଷଣ କଳିଙ୍ଗର ଜୟନାଦ ॥ ୧୭୬ ପ୍ରଣାମ

------------